
# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା



ମାର୍ଚ୍ଚ, ୨୦୧୯
ଷଷ୍ଠ ସଂସ୍କରଣ

ପ୍ରତିଷ୍ଠାତା
ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

## ମାର୍ଚ୍ଚ,୨୦୧୯ । ଷଷ୍ଠ ସଂସ୍କରଣ



ଭାଷା,ସାହିତ୍ୟ ଓ ଭାବନାର ମଧୁର ମିଳନ

**ପ୍ରତିଷ୍ଠାତା**

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

8908279130

8908279130

emagazineprerana@gmail.com

www.facebook.com/preranaodia/

# ଛବିଟିଏ ପାଇଁ ପଦଟିଏ

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ମାର୍ଚ୍ଚ,୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଇଶ୍ୱରଙ୍କ ନିକଟରେ ପାର୍ଥନା ।

"ଛବିଟିଏ ପାଇଁ ପଦଟିଏ" ମାର୍ଚ୍ଚ,୨୦୧୯ ସଂସ୍କରଣର ବିଜୟନୀ ଲେଖିକା ସୋନାଲି ସ୍ୱାଇଁଙ୍କୁ ଅଭିନନ୍ଦନ I ଲେଖିକାଙ୍କ କଲମରୁ...

ଅସରନ୍ତି ସାଗରର
ଅସୁମାରି ଜୁଆର.....
ଉଚ୍ଛୁର ହୁଅନ୍ତି ସଦା
ଛୁଇଁବାକୁ ନୀଳ ଅମ୍ବର.....
କେଡେ ନିଷ୍ଠୁର ସେ ବନ୍ଧୁର ପଥର.....
ବିଦୀର୍ଣ୍ଣ କରେ ସ୍ୱପ୍ନ ଜୁଆରର.....



ସୋନାଲି ସ୍ୱାଇଁ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ, କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ, ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ  ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁର୍ପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି ।

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରସଂଶିତ ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେବି, ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ, ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁ ମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ଏହି ମାଧ୍ୟମଟି ଆପଣଙ୍କୁ ସାମାନ୍ୟତ୍ତମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# ସହୃଦୟ ପାଠକ ପାଠିକା ମାନଙ୍କ ପ୍ରତି...

ପ୍ରେରଣା ଇ-ପତ୍ରିକାକୁ ଶତ-ପ୍ରତିଶତ ନିର୍ଭୁଲ ଭାବରେ ପ୍ରକାଶ କରିବା ପାଇଁ ଆମ୍ଭେମାନେ ଚେଷ୍ଟିତ । ଯେହେତୁ ଏହା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟିର ଏକ ସଂକଳନ ମାତ୍ର, ସେମାନଙ୍କର ଭାବ ଏବଂ ସାହିତ୍ୟିକ ତ୍ରୁଟିକୁ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ I ଆମ୍ଭେ କେବଳ ଭାଷାଗତ ଏବଂ ଶବ୍ଦଗତ ତ୍ରୁଟିକୁ ସୁଧାରିବା ପାଇଁ ପ୍ରୟାସ କରିଛୁ । ଏହି ସବୁ ସତ୍ତ୍ୱେ ଯଦି କିଛି ବ୍ୟାକରଣଗତ ତ୍ରୁଟି ରହି ଯାଇଥାଏ ତେବେ ତାହା ସହୃଦୟ ପାଠକ ପାଠିକା ତଥା ବିଦଗ୍ଧ-ସାହିତ୍ୟ ସମୀକ୍ଷକମାନଙ୍କର ବିହଙ୍ଗାବଲୋକନରୁ  କଦାପି ଲୁଚି ରହି ପାରିବ ନାହିଁ, ତେଣୁ ସର୍ବାଦୌ ସେମାନଙ୍କ ନିକଟରେ  ତ୍ରୁଟି ଜଣାଇଁ କ୍ଷମା ଭିକ୍ଷା କରୁଅଛି I ଏହି ପତ୍ରିକାରେ ଯଦି ସେପରି କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ପ୍ରକାଶ ପାଇଥାଏ ତେବେ ତାହା ଜଣାଇଲେ ତ୍ରୁଟି ମାର୍ଜନା ପ୍ରତି ଯତ୍ନବାନ ହେବୁ I

**ସମ୍ପାଦକ**

**ପ୍ରେରଣା**

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ, ଲାଇବ୍ରେରୀଆନ ଶ୍ରୀ ହୃଦୟାନନ୍ଦ ପଧାନ, ଶ୍ରୀ ଚନ୍ଦ୍ର ଶେଖର ଖଟୁଆ ଓ ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏତଦ୍ ବ୍ୟତୀତ ପ୍ରଚ୍ଛଦପଟ୍ଟ ଶିଳ୍ପୀ କୁମାରୀ ଶୁଭଶ୍ରୀ ପଣ୍ଡା ପତ୍ରିକାର ପ୍ରଚ୍ଛଦପଟ୍ଟଟି ଅତି ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

। ଇତି ।

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ  I
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ I କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ I
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗ କୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ I
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ I
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ  I ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁwww.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ I ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ I
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ I
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ I ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ  I

- ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା" କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ଵାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା  ତଥା ଏହାର ୱେବସାଇଟ ରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକା ରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।
- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖା କୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

**ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା, ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ ।ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।**

# ସଂପାଦକୀୟ...

**ପ୍ରିୟ ସାହିତ୍ୟ ପ୍ରେମୀ,**

ଯେଉଁ ସୁବିସ୍ତିର୍ଣ୍ଣ ଜଳରାଶିରୁ ଜୀବର ଆରମ୍ଭ ; ଯାହାର ଅନ୍ୟ ନାମ ଜୀବନ ; ଯେଉଁ ପଞ୍ଚମହାଭୂତ ଅମୃତ ନାମରେ ପରିଚିତ ; ଯାହାର ବିନା ଜୀବଜଗତର ପରିକଳ୍ପନା ମଧ୍ୟ ଅସମ୍ଭବ ; ଯେଉଁ ନୀର ବିହୁନେ ସୃଷ୍ଟିନାଶ, ବହୁଳେ ସୃଷ୍ଟିନାଶ ; ଯାହାର ସ୍ପର୍ଶରେ ପଲ୍ଲବିତ ହୁଏ ଧରଣୀର ଉଦ୍ଭିଦଜଗତ ; ଯେଉଁ ଜଳ ଯୋଗୁ ସବୁଜିମାରେ ରଙ୍ଗୀନ ହୁଏ ଧରଣୀ ; ଯାହାର ଆଗମନରେ ପରିମଳ ହୁଏ ଧରାପୃଷ୍ଠ ; ଯାହା ପାଇଁ ସନ୍ତୁଳିତ ଆଜି ପୃଥିବୀର ତାପମାତ୍ରା ; ଯେଉଁ ପୟଃର ସଂରକ୍ଷଣ ପାଇଁ ଆଜି ସମଗ୍ର ମାନବଜାତି ଚେଷ୍ଟିତ, ସେହି ଜଳରାଶି ବିଷୟରେ ବର୍ଣ୍ଣନା କରିବା ଅତ୍ୟନ୍ତ ଆନନ୍ଦର ବିଷୟ ।

ଜଳ ନ ଥିଲେ ଇନ୍ଦ୍ରଧନୁର ସେ ସାତରଙ୍ଗ, ଶରତକାଳୀନ ଧରଣୀର ସେ ଅନୁପମ ଦୃଶ୍ୟ, ମେଘର ସୃଷ୍ଟି ସହ ଗ୍ରୀଷ୍ମଋତୁରେ ପ୍ରଭଞ୍ଜନର ସେ ଶୀତଳ ସ୍ପର୍ଶ ନଥାନ୍ତା ବୋଧେ । ପରିବେଶ ସନ୍ତୁଳନ ସମ୍ଭବ ହୁଅନ୍ତା ନାହିଁ । ସମଗ୍ର ବସୁନ୍ଧରାର ଦେହ ସୂର୍ଯ୍ୟ ରଶ୍ମୀର ପ୍ରଚଣ୍ଡ ତେଜରେ ଭସ୍ମୀଭୂତ ହୋଇଯାଇଥାନ୍ତା । କିନ୍ତୁ ବାରିମଣ୍ଡଳ ଜଳଚକ୍ର ଦ୍ୱାରା ନିଜର ଅବସ୍ଥା ପରିବର୍ତ୍ତନ କରି ବାୟୁମଣ୍ଡଳକୁ ଶୀତଳ କରି ଏହି ପ୍ରଚଣ୍ଡ ରୌଦ୍ର ତାପରୁ ବିଶ୍ୱକୁ ରକ୍ଷା କରୁଅଛି । ମେଘ ସୃଷ୍ଟିକରି ବର୍ଷାହୋଇ ସମଗ୍ର ଜୀବଜଗତ ମଧ୍ୟରେ ପ୍ରାଣ ସଂଚାର କରୁଅଛି ।

ସମଗ୍ର ପୃଥିବୀରେ ହାରାହାରି ୭୧ ପ୍ରତିଶତ ଭୂଭାଗ ଜଳ ଦ୍ୱାରା ଆଚ୍ଛାଦିତ । ତଥାପି ଅଧିକାଂଶ ସ୍ଥାନରେ ଜଳକଷ୍ଟ ଅନୁଭୂତ ହୁଏ । କାରଣ ବାରିମଣ୍ଡଳର ହାରାହାରି ୯୬ ପ୍ରତିଶତ ଜଳ ଲବଣଯୁକ୍ତ ତେଣୁ ତାହା ପାନୀୟ ଅନୁପଯୋଗୀ । ଅବଶିଷ୍ଟ ୪ ପ୍ରତିଶତ ଜଳ ମଧୁର ଜଳ ଅଟେ । ସେଥି ମଧ୍ୟରୁ ଭୂତଳ ଜଳର ପ୍ରତିଶତ ବହୁତ କମ୍ । ଆଜି ବିଭିନ୍ନ କାରଣରୁ ଏହି ଭୂତଳ ଜଳସ୍ତରର ଅବକ୍ଷୟ ଘଟୁଛି । ତେଣୁ ଭୂତଳ ଜଳସ୍ତର ବର୍ଷକୁ ବର୍ଷ ନିମ୍ନଗାମୀ ହେଉଛି । ଯଦ୍ୱାରା ଜଳକଷ୍ଟ ବଢିବାରେ ଲାଗିଛି ।

ସମ୍ପ୍ରତି ବିକାଶଶୀଳ ଦେଶ ମାନଙ୍କରେ ଜଳ ପ୍ରଦୂଷଣ ଅନ୍ୟ ଏକ ମୁଖ୍ୟ ସମସ୍ୟା ମୁଣ୍ଡ ଟେକିଲାଣି । କଳକାରଖାନାରୁ ନିର୍ଗତ ଦୂଷିତ ଜଳ ସିଧାସଳଖ ଯାଇ ନଦୀରେ ଥିବା ମଧୁର ଜଳ ସହ ମିଶୁଛି ।  ଏହା ଫଳରେ ଜଳଚର ଜୀବମାନଙ୍କର ଜୀବନ ପ୍ରଭାବିତ ହେଉଛି ।  ଜଳ ପ୍ରଦୂଷଣ ଯୋଗୁ ପରୋକ୍ଷ ଭାବରେ ପରିବେଶ ମଧ ପ୍ରଦୂଷିତ ହେଉଛି । ଏହା ମଧ ଜଳଚକ୍ର ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି I  ଯଦ୍ଵାରା ଜଳକଷ୍ଟ ସମସ୍ୟା ଅଧିକ ଉତ୍କଟ ରୂପ ଧାରଣ କରୁଅଛି I ଯାହାକି ପରବର୍ତ୍ତୀ ପିଢି ପାଇଁ ଏକ ଅନୁଶୋଚନାର ବିଷୟ ନିଶ୍ଚିନ୍ତ ।

ଏହିସବୁ ସମସ୍ୟାର ବିକଳ୍ପ ସଦୃଶ ବର୍ଷାଜଳକୁ ସଂରକ୍ଷଣକରି କିମ୍ବା ସମୁଦ୍ରରେ ଥିବା ଲବଣଯୁକ୍ତ ଜଳକୁ ପାନୀୟ ଉପଯୁକ୍ତକରି ବ୍ୟବହାର କରିବାର ସମୟ ଆସିଯାଇଛି, ଯାହାର ଶତପ୍ରତିଶତ ସଫଳତା ଏଯାଏଁ ମିଳିନାହିଁ I ଏହି ସବୁ ଉପାୟ ଦ୍ଵାରା ଜଳକଷ୍ଟ କିଛି ମାତ୍ରାରେ ଲାଘବ ହୋଇପାରନ୍ତା  ।

ମଧୁରଜଳର ଆବଶ୍ୟକତାକୁ ଉପଲବ୍ଧି କରି, ଏହାର ସଂରକ୍ଷଣ  ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ  ଜାତିସଂଘ  ୧୯୯୩ ମସିହା ଠାରୁ  ମାର୍ଚ୍ଚ ୨୨ ଦିନଟି ବିଶ୍ଵ ଜଳ ଦିବସ ଭାବେ ପାଳନ କରିଆସୁଅଛି ।  ଏବେ ବିଶ୍ଵର ଅଧିକାଂଶ ଦେଶ ଏଥିରେ ସାମିଲ ହୋଇ ଜଳ ସଂରକ୍ଷଣ ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମମାନ କରୁଛନ୍ତି । ଯଦ୍ଵାରା ସମସ୍ତେ  ମଧୁରଜଳର ଆବଶ୍ୟକତାକୁ ଉପଲବ୍ଧି କରି ଏହାର ସଂରକ୍ଷଣ  ପ୍ରତି ଧ୍ୟାନ ଦେଲେଣି  । ଯାହାକି ଭବିଷ୍ୟତ ପାଇଁ ଏକ ଶୁଭଙ୍କର ସଂକେତ ନିଶ୍ଚିତ I

**ଦେବୀ ପ୍ରସାଦ ସ୍ଵାଇଁ**

**ସମ୍ପାଦକ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ପ୍ରାର୍ଥନା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୩ |
| **ପଦ୍ୟ ବିଭାଗ** | | | |
| ୨. | ସାଗର ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୫ |
| ୩. | ଜଗନ୍ନାଥ | ଇପ୍ସିତା ରାୟ | ୧୯ |
| ୪. | ଛୋଟ ଛୋଟ କଥା | ଅବିନାଶ ବେହେରା | ୨୦ |
| ୫. | ସ୍ମୃତି | ପୁଷ୍ପାଞ୍ଜଳି ପଣ୍ଡା | ୨୨ |
| ୬. | ମୋ ଅବଶୋଷ | ରୋହିତ ମାଝୀ | ୨୩ |
| ୭. | ହେ ଶବ୍ଦ | ଧୀରେନ ବାଗ | ୨୪ |
| ୮. | କ୍ଷମତା | ଅନୁପମା ଚାରୁଚିତ୍ରା ସାହୁ | ୨୫ |
| ୯. | ଅଲିଭା ରଙ୍ଗ | ଶିବ ଚରଣ ମହାପାତ୍ର | ୨୬ |
| ୧୦. | ବିଶ୍ୱ କଲ୍ୟାଣ | ରୋଜା ପଣ୍ଡା | ୨୮ |
| ୧୧. | ଆଶୀର୍ବାଦ ନା ଅଭିଶାପ | ହୃଦୟାନନ୍ଦ ପଧାନ | ୩୦ |
| ୧୨. | ମୋ ପ୍ରେମର ମାତ୍ରା | ସ୍ୱୟଂପ୍ରଭା ବରାଳ | ୩୧ |
| ୧୩. | କହିଲେ କହିବ କହୁଛି | ଜ୍ୟୋତି ରଞ୍ଜନ ସୁବୁଦ୍ଧି | ୩୨ |
| ୧୪. | ଫୁଲ | ଦୁର୍ଯ୍ୟୋଧନ ବେହେରା | ୩୪ |

| | | | |
|---|---|---|---|
| ୧୫. | ଭାରତ ମାତା | ରମେଶ ଚନ୍ଦ୍ର ବେହେରା | ୩୫ |
| ୧୬. | ଉପନ୍ୟାସ ପ୍ରେମିକା | ଅଲେଖ ଚନ୍ଦ୍ର ବେହେରା | ୩୭ |
| ୧୭. | ମୋ କଲମ | ନୂତନ କୁମାର ବେହେରା | ୩୯ |
| ୧୮. | ସେ କିଏ  ? | ମଞ୍ଜୁଲତା ସିଂ | ୪୧ |
| ୧୯. | ମାଙ୍କଡ ନାଚ | ରାଧାମୋହନ ମିଶ୍ର | ୪୩ |
| ୨୦. | ଈଶ୍ୱର | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୫ |


## ଗଦ୍ୟ ବିଭାଗ


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ଶୂନ୍ୟବାଦ ଓ ଗୁରୁବାଦ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୮ |
| ୨. | ମୂକଦ୍ରଷ୍ଟା ବାପା | ରୋଜା ପଣ୍ଡା | ୫୦ |
| ୩. | ହୋଲି | ସୋନାଲି ସ୍ୱାଇଁ | ୫୩ |
| ୪. | କିଛି କଥା କିଛି ବ୍ୟଥା | ରାଧାମୋହନ ମିଶ୍ର | ୫୫ |
| ୫. | ଅସମ୍ପୂର୍ଣ୍ଣ ଆଶା | ଦେବୀ ପ୍ରସାଦ ସ୍ୱାଇଁ | ୫୮ |

# ପ୍ରାର୍ଥନା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ମୁଖଭଜେ ସିନା ତୁମରି ନାମକୁ-
ମନ ବିଷୟାରେ ଭ୍ରମେ
ଆଖି ଖୋଜେ ସିନା ତୁମରି ରୂପକୁ
ମନ ଖୋଜୁଥାଏ ଧନେ  ॥ ପଦ ॥
ଚଉଦିଗେ ମୋର ବିଷୟା ଜଞ୍ଜାଳ
ଭିଆଇଛି ପ୍ରଭୁ ମାୟା ଇନ୍ଦ୍ରଜାଲ
ଧରିବାକୁ ଫାନ୍ଦ ପକାଇଛି ବ୍ୟାଧ-
ଯେସନେ ମୃଗକୁ ବନେ  ।୧।

ଦାରା  ସୁତାସୁତ ବନ୍ଧୁ-ସହୋଦର
ବଞ୍ଚି ରହିଛନ୍ତି ଅର୍ଥରେ କେବଳ
କର୍ତ୍ତବ୍ୟରେ ପଡି ନ ପାରେ ମୁଁ ଛାଡି
ମରୁଅଛି ପଥଶ୍ରମେ  ।୨।
ଏ ଜୀବନେ ମୋର ଯେତେ ଅପରାଧ
କ୍ଷମାକର ପ୍ରଭୁ ଧରୁଅଛି ପାଦ
ତବ କରୁଣାରେ ହେ କରୁଣାମୟ
ଯଶରହୁ ମୋର କର୍ମେ ।୩।

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# ସାଗର ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଶାଶ୍ୱତ ନୀଳାୟମାନ ହେ ମହାସାଗର
ତୋତେ ଦେଖି ଆନନ୍ଦରେ ମୁଗ୍ଧ ମୋ ଅନ୍ତର ।
କେମନ୍ତେ ବର୍ଣ୍ଣିବି ମୁଖେ ତୋ ମହାମହିମା
ଅନନ୍ତ ଅପାର ସିନ୍ଧୁ ନାହିଁ ତା'ର ସୀମା ॥

ରତ୍ନମୟ ଅବୟବ ନୀଳ ଆକାଶର-
ବିଶାଳ ଦର୍ପଣ ପ୍ରାୟେ ତୁହି ରତ୍ନାକର ।
ଝଳି ଦିଶୁଥାଉ ସୀମାହୀନ ଚକ୍ରବାଳେ
ସୁନୀଳ ଅମ୍ବର ସଙ୍ଗେ ମିଶି ଏକାକାରେ ॥

ପ୍ରଭାତେ ତୋ କୋଳେ ନିତିହସେ ବାଳରବି
ଦେଖାଇ ବିଶ୍ୱମୋହନ ତପ୍ତ ହେମ ଛବି ।
ରଜନୀରେ ସୁଧାକର ତୋ ଜଳେ ବିମ୍ବିତ
ବାତ୍ସଲ୍ୟ-ପ୍ରେମରେ ତୁହି ହେଉ ତରଙ୍ଗିତ ॥

ତୋ ବିଶାଳ ନୀଳବକ୍ଷ ସର୍ବଦା ଚଞ୍ଚଳ
ନୃତ୍ୟ କରୁଥାନ୍ତି ନିତ୍ୟ ଚଳଉର୍ମି ଦଳ ।
ଉତ୍ତାଳ ତରଙ୍ଗମାଳ ଗମ୍ଭୀର ଗର୍ଜନେ
ଭୃକୁଟୀ ବିଳାସେ ଭୟ ଉପୁଜାନ୍ତି ମନେ ॥

ତୋହଠାରୁ ଭୟଙ୍କର ଏ ସଂସାର-ସିନ୍ଧୁ
ବୁଡାଇ ନାଶଇ ପ୍ରତିଜୀବ-ପ୍ରାଣବିନ୍ଦୁ ।
ତୋ ଜଳେ ଝାସିଲେ ସିନା ଲଭନ୍ତି ନିର୍ବାଣ
ଭବ-ସିନ୍ଧୁ ଜଳେ କାହିଁ ନାହିଁ ପରିତ୍ରାଣ ॥

ଜଳ-ବାୟୁ-ଅନଳରେ ତୋ ଗର୍ଭ ପୂରିତ
ପ୍ରଳୟର କର୍ତ୍ତାରୂପେ ହେଉ ତୁ ପ୍ରତୀତ ।
ବିଭୁଙ୍କ ଆଦେଶ ଶିରେ ବହିଛୁ ନିକର
ବିଶ୍ୱ-ଗ୍ରାସିବାକୁ ତୋତେ କିଞ୍ଚିତ ମାତର ॥

ତୋ ମହାକୋଷରୁ ଘେନି ଜଳଧର ଜଳ
ବରଷି ଧରଣୀ ବକ୍ଷ କରଇ ଶୀତଳ ।
ଅବିରତେ ଘେନିବକ୍ଷେ ସେ ଜଳ-ବିଭବ
ପୁରାନ୍ତି ତଟିନୀକୁଳ ତୋ ବିଶାଳ ଗର୍ଭ ॥

ତୋ ନିର୍ମଳ ଜଳ ଘନେ କରି ବିତରଣ
ତଟିନୀ ଆବିଳ ଜଳ କରୁ ତୁ ଗ୍ରହଣ ।
ବିଶ୍ୱହିତ-ମହାବ୍ରତ ତୋହରି କାମନା
ବରି ନେଉଅଛୁ ପ୍ରାଣେ ଦୈନ୍ୟ-ନିର୍ଯ୍ୟାତନା ॥

ଧର୍ମରୁ ତୋ ଧନ ସଦା ହୋଇଛି ବର୍ଦ୍ଧିତ
ଯେତେ ବ୍ୟୟକଲେ କ୍ଷୟ ନୁହଁଇ କିଞ୍ଚିତ ।
ଯେଉଁଧନ ଦେଇ ରଖୁ ପରର ଜୀବନ
ସଞ୍ଚିତ ହୁଅଇ ଗୃହେ ଆସି ସେହି ଧନ ॥

ବିଶ୍ୱ ମୁଖେ ଢାଳିଦେଇ ତୋ କରୁଣା-ସୁଧା
ଶୀତଳାଉ ସ୍ନେହେ ସୌର ତାପିତ ବସୁଧା ।
ମହା ମହୀୟାନ ଭବେ ତୁହି ତୀର୍ଥେଶ୍ୱର
ତୋ ଦର୍ଶନେ ହରୁଁ ସର୍ବ ପାତକ ମୋହର ॥

ତୋ ଯୋଗୁଁ ଝରଇ ସିନା ଗିରିଗର୍ଭୁଁ ଝର
ତୋ ଯୋଗୁଁ ଧରଣୀ ଗର୍ଭୁଁ ଝରେ କୂପଜଳ ।
ପ୍ରତକ୍ଷେ ଅପେୟ ସିନା ତୋ ଲବଣ ଜଳ
ପରୋକ୍ଷରେ ବିଶ୍ୱ-ତୃଷା ହରୁ ତୁ କେବଳ ॥

ଯେତେ ସୁମଧୁର ଦ୍ରବ୍ୟେ ହେଲେ ହେଁ ବ୍ୟଞ୍ଜନ
ତୋ ଲବଣ ବିନା ସ୍ୱାଦୁ ନୁହେଁ କଦାଚନ ।
ଷଡରସରେ ତୋ ରସ ଅଟଇ ପ୍ରଧାନ
ଭୋଜନରେ କରେ ଯେଣୁ ସନ୍ତୋଷ ବିଧାନ ॥

ଅନନ୍ତଶଯ୍ୟାରେ ବିଷ୍ଣୁ ତୋ ବକ୍ଷେ ଶାୟିତ
ପବିତ୍ର ପୁରାଣ ଗାଏ ତୋ ମହିମା ଗୀତ ।
ବିଶ୍ୱ-ଅନ୍ନଦାତ୍ରୀ ଲକ୍ଷ୍ମୀ ତୋହରି ଦୁଲଣୀ
ସମର୍ପି ଦେଇଛୁ କନ୍ୟା ଯୋଗ୍ୟ ପାତ୍ରମଣି ॥

ତୋ ସମ ମହତ ଆଉ କେ ଅଛି ସଂସାରେ
ମହତ ସଙ୍ଗେ ମହତ ଅଟୁ ତୁ ବେଭାରେ ।
ଧର୍ମପ୍ରାଣ ସୁଧାକର ତୋ ଯୋଗ୍ୟ ନନ୍ଦନ
ଉଜ୍ଜଳଇ ଶୁଭ୍ରାଲୋକେ ବିଶ୍ୱ-ନିକେତନ ॥

କଳୁଷ-ପଙ୍କେ ଆବିଳ ମୋ ଜୀବନ-ବିନ୍ଦୁ
ଅଶେଷ କଳୁଷହର ତୁ ଶାଶ୍ୱତ ସିନ୍ଧୁ  ।
ଗାଇ ଗାଇ ମୁଖେ ତୋ ମହିମା-ସଙ୍ଗୀତ
ହେଉ ମୋ ଜୀବନ ତୋର ଦୟାରେ ପବିତ୍ର  ॥

ଜହ୍ନିତଇଳା, ଢେଙ୍କାନାଳ

# ଜଗନ୍ନାଥ

ଇପ୍ସିତା ରାୟ

ଚକା ଆଖି ତୋର କେତେ ସୁନ୍ଦର
କେତେ ମନୋହର ରୂପଟି ତୋର,
ତୁହି ଶ୍ୟାମ ତୁହି ରାମ ତୁହି ଜଗନ୍ନାଥ
କି ସୁନ୍ଦର ତୋର କଳା ଶ୍ରୀମୁଖ ॥
ତୁହି ବିଶ୍ୱ ରୂପ ତୁହି ଅନନ୍ତ
ଜଗତର ତୁହି କଳା ସାଆନ୍ତ,
ତୋ ନାମ ଧରିଲେ ଜୀବନ ହୁଏ ସାର୍ଥକ
ରତ୍ନ ସିଂହାସନେ ବିରାଜିତ ଆହେ ଲକ୍ଷମି କାନ୍ତ ॥

ତୋ ଚକା ନୟନେ ଯେବେ ଦଉ ତୁ ଚାହିଁ
ସବୁ ଦୁଃଖ କଷ୍ଟ ମୋର ଯାଏ ପଳାଇ,
କେତେ ସୁନ୍ଦର ଆନନ୍ଦ ବଜାର
ତା'ଠାରୁ ସୁନ୍ଦର ତୋ ମହାପ୍ରସାଦ ॥
ଢେଉ ସହ ଢେଉ କରେ ଲଢେଇ
ସମୁଦ୍ର ତଟରେ ମନ ଉଡଇ,
ଆହା କି ସୁନ୍ଦର ତୋର ଶ୍ରୀକ୍ଷେତ୍ର
ଦେଖି ଦେଲେ ସତେ ପୁରେ ମୋ ନେତର ॥

ରସଲପୁର, ଜଗତସିଂହପୁର

# ଛୋଟ ଛୋଟ କଥା

ଅବିନାଶ ବେହେରା

କରିବା ନାହିଁ ଏମିତି କାମ
ଯେଉଁଥି ପାଇଁ ଲାଗିବ ଡର  I
କହିବା ନାହିଁ ଏମିତି କଥା
ଯେଉଁଥି ପାଇଁ ଲାଗିବ ଦୁଃଖ   I
ସହିବା ନାହିଁ କା ଅତ୍ୟାଚାର
ଉଠାଇବା ପ୍ରତିବାଦ ସ୍ୱର  I
କାହାକୁ କେବେ ଦେବାନି କଷ୍ଟ
ହେବାନି କେବେ ସୁପଥ ଭ୍ରଷ୍ଟ  I

ମାନିବାରେ ବାପାମାଙ୍କ କଥା
ଗୁରୁଙ୍କ ପାସେ ନୁଆଁଇ ମଥା  I
ରହିବା ଦୂରେ ଅନ୍ୟାୟ ଠାରୁ
ହେବା ନାହିଁ କେବେ ଆମେ ଭୀରୁ   I

ଭାବିବା ଆମେ ଦେଶର ହିତ
କରିବାରେ ଦେଶକୁ ଉନ୍ନତ  I
ମନରେ କେବେ ହେବାନି ଛୋଟ
ସର୍ବଦା ବାଛିବା ଭଲ ବାଟ  I

ପରକୁ କରିବା ଆପଣାର
ବାଣ୍ଟିବା ଆମେ ସ୍ନେହ ଆଦର ।
ଛୋଟ ଛୋଟ କଥା ଏହିସବୁ
ସବୁବେଳେ ଏହାକୁ ମାନିବୁ ।

ସା/ପୋ:କୋହି, ଭାୟା:ଗଡିଆ,ଜିଲ୍ଲା:ମୟୂରଭଞ୍ଜ

# ସ୍ମୃତି

ପୁଷ୍ପାଞ୍ଜଳି ପଣ୍ଡା

ପାହାଡ଼ ସେପାଖେ ସୁରୁଜ ଲୁଚିଲା ଅନ୍ଧାର ଆସିଲା ମାଡ଼ି   ।
ମନ ଗମ୍ଭିରାରେ ସ୍ମୃତି ଛାଇଗଲା ବାହାର ଦୁନିଆ ଛାଡ଼ି  ।
ରାତି ତ ଦୌଡ଼ୁଛି ଅନ୍ଧାର ନମାନି
ଜହ୍ନ ସାଥେ କଥା ହୋଇ  ।
ଆଖିର ପଲକ ହେଲା ଅପଲକ
ଭିଜୁଅଛି ରହି ରହି  ।
ବହଳ ଅନ୍ଧାର ମାଡ଼ି ମାଡ଼ି ଆସେ
କୋହଲା ପବନ ସାଥେ  ।
କଡ଼ ଲେଉଟାଏ ଅଳସ ଦେହଟା ଉଜାଗରେ ବେଳ ବିତେ  ।
ନୂଆ ରୂପ ନେଇ ସୂରୁଜ ଫେରଇ
କଅଁଳ ଖରାକୁ ଧରି
ସ୍ମୃତି ମୋ ଫେରଇ
ଠିକଣା ଜାଗାକୁ
ମନ ମୋ ଚୋରେଇ ନେଇ...

ଈଶ୍ୱରପୁର,କେନ୍ଦ୍ରାପଡା

# ମୋ ଅବଶୋଷ

ରୋହିତ ମାଝୀ

ଥରଥର ବହୁଥର କହିଲି କେତେ
କାକୁତି ମିନତି ହୋଇ ନେହୁରା ହେଲି ଯେତେ
ତଥାପି ବୁଝିଲୁ ନାହିଁ ମୋ ମନ କଥାଟିଏ
ଜାଣିଶୁଣି ଠେଲି ଦେଉ କାହିଁ ଅନ୍ଧାରରେ ମୋତେ
ଭାଇକୁ ଦେଉଥିବା ସ୍ନେହ ଦେଲୋ ଟିକେ
ଏକୂଳରୁ ସେ କୂଳ ଲଙ୍ଘି ବିଶ୍ୱ ଦେଖାଇବି ତୋତେ
କହନା ଆଉତୁ ମୋତେ ବାସନ ମାଜିବାକୁ
ଚୁଲିମୁଣ୍ଡେ ଶୁଖୁଆ ଓଲଟାଇବାକୁ
ପଠାନା ପଠାନା ମୋତେ ଘରମଣୀ ଡାକିବାକୁ
ବାହାନା କରନା ଲୋ କୁନି ଭାଇକୁ ଜଗିବାକୁ
ଏତେ ନିଷ୍ଠୁର କାହିଁକି ଲୋ ବୋଉ ???
ବାଡିଧରି ସେଇ ଜୁଲମ ,ସେଇ ଛାତିଥରା କଡା ସ୍ୱରେ
କହ ଥରେ ଯା' ସ୍କୁଲ... ଯା' ସ୍କୁଲ ..ଯା'ସ୍କୁଲ...

ସାନଭାଲିଆଡିହା, ମୟୂରଭଞ୍ଜ

# ହେ ଶବ୍ଦ

ଧୀରେନ ବାଗ

ହେ ଶବ୍ଦ
ତମେ ଭାରି ଦୁଷ୍ଟ
କେବେ ଆସ
ମେଞ୍ଚା ମେଞ୍ଚା
ରାତିର ଗହନ ଅନ୍ଧାରେ
ମୋ ଶୟନ କକ୍ଷକୁ
ପୁଣି ଚାଲିଯାଅ
ଖୋଜି ପାଏନା ତୁମକୁ  ।

ସତରେ ତମେ
ପ୍ରେମିକା ପରି
ସାଥେ ଥିଲେ
ମୁଁ ପାଲଟି ଯାଏ
ଭାବୁକ ପ୍ରେମିକ
ଡହ ଡହ ଖରା
ନା ଶୀତ ନା ବର୍ଷା
ତମ ସ୍ୱର୍ଶ ପାଇବାକୁ
ମୁଁ ହୋଇଯାଏ
ଏକରୁ ଏକାକାର  ।

ଗୌଡରମା, ମୟୂରଭଞ୍ଜ

# କ୍ଷମତା

ଅନୁପମା ଚାରୁଚିତ୍ରା ସାହୁ

ଟୋପାଏ ଜଳ ବିନ୍ଦୁ
ଗଢିପାରେ ସୀମାହୀନ ସାଗର,
ଛୋଟ ଶିଶୁଟିଏ
ଜିତିପାରେ ବିଶାଳ ହୃଦୟ,
କ୍ଷୀଣ ଦୀପଶିଖାଟିଏ
ଦୂର କରିପାରେ ଘୋର କାଳୀମା,
ସରୁ ସୂତା ଖଣ୍ଡେ
ଗୁନ୍ଥିପାରେ ଅସଂଖ୍ୟ ମାଳା,
ମୁଠାଏ ଖାଦ୍ୟ
ପ୍ରଶମିତ କରିପାରେ ଭୋକର ଜ୍ୱାଳା ।

ଛୋଟ ନିଷ୍ପତ୍ତିଟିଏ
ବଦଳାଇପାରେ ଜୀବନର ଗତି,
ସାମାନ୍ୟ ଗୁଣ୍ଡୁଚି ମୂଷାଟିଏ ବି
ବାନ୍ଧିପାରେ ବିରାଟ ସେତୁ ବନ୍ଧଟେ,
ସାମାନ୍ୟ କଥାଟିଏ
ଯୋଡ଼ିଦେଇପାରେ ସେତୁ ସମ୍ପର୍କର,
ଆଉ କେବେ, ସବୁ ସଂମ୍ପର୍କକୁ
ଭାଙ୍ଗି କରେ ଚୁର୍ ମାର୍
ଛୋଟ ବଡ଼ ଭିତରେ ନାହିଁ କିଛି ଅନ୍ତର
ସମସ୍ତଙ୍କୁ ସମାନ ଭାବିବା ପରିଚୟ ସଦ୍‌ବୁଦ୍ଧିର...

ନିମୋଳ, ଜଗତସିଂହପୁର

# ଅଲିଭା ରଙ୍ଗ

ଶିବ ଚରଣ ମହାପାତ୍ର

ସଞ୍ଚିତ କରିଛି ସୁପ୍ତ ସପନରୁ
ସଙ୍ଗମ ଲାଳସା ରଙ୍ଗ ହୃଦରେ ।
ସରଧା ଆଞ୍ଜୁଳି ସରାଗେ ଭରିଛି
ସମର୍ପି ଦେବାକୁ ତୋ ଶ୍ରୀ ପୟରେ ॥

ପୟର ଯୁଗଳେ ପିନ୍ଧିଦେ'ରେ ଥରେ
ପ୍ରେମ ଗାଢତାର ଅଳତା ଧାର ।
ପଙ୍କଜ ଅଧରେ ପୋଲାନ୍ତ ହସାଳ
ପ୍ରସ୍ଫୁଟିତ ହୋଇ ଦିଶୁ ସୁନ୍ଦର ॥

ସୁନ୍ଦର କପାଳେ ସିନ୍ଦୁର ଚନ୍ଦନ
ସଜେଇବି ଭାବ-ଭକ୍ତିରେ ମୋର ।
ସୁଖ ଦୁଃଖ ଯେତେ ସଞ୍ଚି କୋଳେ ଥୋଇ
ସଂପ୍ଳୁତ ମନରେ ଗୁନ୍ଥିଛି ହାର ॥

ହାରଟି ଗୁନ୍ଥିଛି ହସ ଫୁଲ ଦେଇ
ହିଂସା-ରାଗ-ଦ୍ୱେଷ ହନ୍ତା ସାଜିଛି ।
ହରା ରଙ୍ଗ ନେଇ ହୃଷିକେଶ ଅଙ୍ଗେ
ହେତୁ ରଖ୍ଐ ସ୍ନେହେ ଲେପିବି କିଛି ॥

କିଛି ଭକ୍ତି ରଙ୍ଗ କିଛି ଭାବ ରଙ୍ଗ
କିଛି ରଙ୍ଗ ପୁଣି ଫଗୁ ଅବିର ।
କିଛି ପ୍ରିତି ରଙ୍ଗ କିଛି ରସ ରଙ୍ଗ
କିଛି ରଙ୍ଗ ପୁଣି ଇନ୍ଦ୍ରଧନୁର ॥

ଇନ୍ଦ୍ରଧନୁ ଦେବ ଇଛା ରଙ୍ଗ ଟିକେ
ଇନ୍ଦିବାର ବଦନେ ଦେବି ମୁଁ ଲେପି ।
ଇନ୍ଦ୍ରିୟ କାମନା ଇନ୍ଧନ ରେ ଜାଳି
ଇସ୍ତାହାର କରନ୍ତି ତୋ ନାମ ଜପି ॥

ତୋ ନାମ ଜପିଲେ ତତ୍ତ୍ୱଜ୍ଞାନ ପ୍ରାପ୍ତି
ତଥାପି ବିଷୟା ରଙ୍ଗରେ ମାତି ।
ତଅଁଳା ପରାୟ ତକ୍ତ ଲୋଭରେ
ତିକ୍ତ ଯନ୍ତ୍ରଣା ଟାଣଇ ନିତି ॥

ନିତି ଦିନ ଆଣୁ ନୈସର୍ଗିକ ରଙ୍ଗ
ନିର୍ଦ୍ଧାରିତ ହେଉ ସମ୍ପର୍କ ଆମ ।
ନୈଷ୍ଠିକ ଭାବନା ନେପଥ୍ୟ ଅବିରେ
ନୂତନତ୍ତ୍ୱ ଭାବେ ଗଜୁରୁ ପ୍ରେମ ॥

ଚକ୍ରଧରପୂର,କେନ୍ଦୁଝର

ଶବ୍ଦାର୍ଥ :-

ପୋଲାନ୍ତ-ହାଲୁକା ; ହସାଳ-ହସହସ ମୁହଁ ; ସଂପ୍ଳୁତ-ନିମଗ୍ନ ; ହନ୍ତା-ହତ୍ୟାକାରୀ ; ହରା -ଶାଗୁଆ ; ଇନ୍ଦିବାର-ନୀଳକଇଁ ; ତଅଁଳା-ଛୋଟ ଜାତି ; ତକ୍ତ-ସିଂହାସନ ।

# ବିଶ୍ୱ କଲ୍ୟାଣ

ରୋଜା ପଣ୍ଡା

ବହେ ପ୍ରଖର ଉର୍ଦ୍ଧଶ୍ୱାସ ମୋର
ନଇଁଯାଏ ଆତ୍ମଗ୍ଲାନୀରେ ମୋ ଶିର
ଆଖିରେ ପଡେ ଯେବେ ପିତୃମାତୃହିନ
ଅନାଥ, ଅବହେଳିତ ଶିଶୁଙ୍କର
ଶୃଙ୍ଖଳା ଆଉ ରୋଗିଣା ଶରୀର...

ଆଜି କାନ୍ଦୁଛି ମୋ ଧରିତ୍ରୀ ଗୁମୁରି ଗୁମୁରି
ଦେଖି ଅନାହାର ମୃତ୍ୟୁ କୋଟି କୋଟି
କୃଷକର ପୋକମାଛି ପରି
ନିରୂପାୟ, ନିର୍ବିକାର ଚାତକ ସେ
କେଇବୁନ୍ଦା ବାରି ଜଳ  ପାଇଁ
ଗଛ କାଟି କୋଠା କରୁଛି ସମାଜ,
ତେବେ ମେଘ ଆସିବ ବା କାଇଁ...

ସେଇ ତମସାଚ୍ଛନ୍ନ ସମାଜକୁ ସଚେତନ
ଦେବାପାଇଁ
ବଢାଇଛି ପାଦ ଦୀପଟିଏ ଧରି
ବିଶ୍ୱକଲ୍ୟାଣର ଶାଖାଟିଏ ହୋଇ
ସୁବର୍ଣ୍ଣ ପକ୍ଷୀର ସ୍ୱପ୍ନ ଅଛି ମନେ
ଆଶାଅଛି ମୋର ଇନ୍ଦ୍ରଧନୁର ସପ୍ତରଙ୍ଗୀ
ସେଥିପାଇଁ ବାହାରିଛି ବୁଣିବାକୁ
ସମାଜ ଛାତିରେ ବିଶ୍ୱକଲ୍ୟାଣର ମଞ୍ଜି

ଛୋଟିଆ ମୁଣ୍ଡରେ ଏତିକି ବୁଝିଚି
ସୀମିତ ସୁଖ ଦେଇଥାଏ ସିଏ,ଯାହା ନିଜ
ସୁଖ ପାଇଁ କରାଯାଏ,
କରାଯାଏ ଯାହା ପରହିତ ପାଇଁ, ତା
ନିତ୍ୟ ନୂତନ ଆନନ୍ଦ ଦିଏ
ଆଜି କରୁଛି ପ୍ରତିଜ୍ଞା କେବେ ନିର୍ଦ୍ଦେଶକ
ହୋଇ ତ ପୁଣି କେବେ ଦର୍ଶକ ହୋଇ
କରୁଥିବି କାମ ଆଜୀବନ ମୁହିଁ
ବିଶ୍ୱର କଲ୍ୟାଣ ପାଇଁ...

ନେତାଜୀ ନଗର, ମଧୁପାଟଣା
କଟକ

# ଆଶୀର୍ବାଦ ନା ଅଭିଶାପ

ହୃଦୟାନନ୍ଦ ପଧାନ

ଆଶୀର୍ବାଦ ଯଦି ଅଭିଶାପ ହୁଏ କେମିତି ଚଳିବ ଦୁନିଆ
ଭଲକର୍ମ କଲେ ଦୁନିଆ ଆଖିରେ ଦିଶୁନି ସତର ଗାରିମା ।
ସ୍ୱାଭିମାନୀ ହୋଇ ବଂଚିବା ଜଗତେ ସତରେ କଷ୍ଟ ଦାୟକ
ଭାବିଥିବ କଣ ହଉଛିବା କଣ ସମୟ ଖେଳୁଛି ଚକ୍ରବାକ ।
ସ୍ୱଚ୍ଛ ହୃଦୟଟା ପାଉଛି କେବଳ ଯନ୍ତ୍ରଣା ଉପରେ ଯନ୍ତ୍ରଣା
କେହି ବୁଝନ୍ତିନି କେମିତି ବ୍ୟକ୍ତି ସେ କଷ୍ଟ ଦଉଥାନ୍ତି ଅଜଣା ।
ସାଥିହୀନ ହୋଇ ଲହୁକୁ ଗଡ଼ାଏ ଲୋତକବୁନ୍ଦା ରୂପରେ
ନିଅତିର ଖେଳ କିଏ ବା ଟାଳିବ ସମୟର ଅନ୍ତରାଳରେ ।
କୃତକର୍ମ ଫଳ ଭୋଗୁଛି ଅବା କି ଜନ୍ମ ଜନ୍ମାନ୍ତର ପାଇଁ
କିବାଦୋଷ ତାର ଦଣ୍ଡ ପାଉଅଛି ସତେକି ନିର୍ଦ୍ଦୋଷୀ ହୋଇ ।
ଦୁନିଆ ଆଖିରେ ଦିଶୁନି କାହିଁକି ଧର୍ମ ଅଧର୍ମର ନୀତି
ସତପଥେ ଯଦି ଏତେ କଣ୍ଟା ଅଛି ବିଚିତ୍ର ଏ ରଣନୀତି ।
ଧନ୍ୟ ସୃଷ୍ଟି କର୍ତ୍ତା ଗଢିଛ ପୃଥିବୀ କୋଉ ଉପାଦାନ ଦେଇ
ତୁମେ ଜାଣିଥିବ ନିର୍ଦ୍ଦୋଷୀ ଲୋକ ଯେ ଦଣ୍ଡପାଏ ଆଜି କାହିଁ ?

ଅମରପାଲି, ବିରମହାରାଜପୁର
ସୁବର୍ଣ୍ଣପୁର

# ମୋ ପ୍ରେମର ମାତ୍ରା

ସ୍ୱୟଂପ୍ରଭା ବରାଳ

କେବେ କେବେ  ମୁଁ  ବସିପଡେ ଭାବନାରେ ହଜି
ଖୋଜିବସେ ବ୍ୟାକରଣ, ଶବ୍ଦକୋଷ ଧରି
ଭାବ ଖୋଜେ,ଭାଷା ଖୋଜେ, ଶବ୍ଦ ଖୋଜେ
କେବେ କେବେ ମୁଁ ବି ଭାବେ, ଚେଷ୍ଟାରେ ଲାଗିପଡେ
ତା ପ୍ରେମକୁ ତଉଲିବାକୁ..
କିନ୍ତୁ ଏ ପୁରୁଣା ପାରମ୍ପରିକ ଶବ୍ଦ, ସଂଜ୍ଞାପର ସୀମା ବାହାରକୁ ଯାଇ
କେତେ ଭଲ ପାଏ ମୁଁ ତାକୁ
ସମୁଦ୍ରର ନୀଳଢେଉ ନା ଆକାଶର ତାରାଠୁ ଅଧିକ
ଏମିତି ତ ନୁହେଁ, ଏତିକି ତ ନୁହେଁ
ଏସବୁ ତ ପୁରୁଣା ଯୁଗର କଥା,
ଏଥର ନୂଆ କିଛି କହିବା, ନୂଆ ଲେଖିବାର ଇଚ୍ଛା
କିନ୍ତୁ କବି ତ ନୁହେଁ ମୁଁ,
ନା ଶବ୍ଦ ସଂଯୋଜନା, ନା ଛାନ୍ଦ ଜଣା
ତଥାପି ଲେଖିବାର ଇଚ୍ଛା ଅନେକ, ଯେମିତି ବି ହେଉ
ମନର ସବୁ ଅନେକ ଦିନର ସାଇତା ଭାବନାକୁ
ଅଜାଡି ଦିଅନ୍ତି କାଗଜ ଉପରେ
ସଜାଡି ହେଉ କି ନ ହେଉ
ଏହି ଅସଜଡା ଶବ୍ଦର ଭଉଁରୀ ଭିତରେ ହଜି ଯା'ନ୍ତା ସେ,
ଭିଜିଯା'ନ୍ତା ସେ,
ଖୋଜିହୁଅନ୍ତା ବାସ୍ନ, ଅନୁଭବ ତ କରନ୍ତା
ହୃଦୟ ଭିତରେ ହସଟେ, ମିଠା ହସଟେ
ଖେଳିଯା'ନ୍ତା ତା ଓଠରେ ଆଉ
ସେତିକି ହିଁ ତ କାମନା ମୋର.. ପ୍ରାର୍ଥନା ମୋର...

ଅନୁଗୋଳ

# କହିଲେ କହିବ କହୁଛି

ଜ୍ୟୋତି ରଞ୍ଜନ ସୁବୁଦ୍ଧି

କହିଲେ କହିବ କହୁଛି
ବସନ୍ତ ଆସିଛି ମଳୟ ବୋହୁନି
ଶୀତ ବି ଟିକିଏ ହଉନି
ଖାଲି ଉଦୁଉଦିଆ ଖରା ଜାଳୁଛି
କହିଲେ କହିବ କହୁଛି ।

କହିଲେ କହିବ କହୁଛି
କୋଇଲି ଗାଉନି
କାଉ ବି ରାବୁନି
ବାୟା ଚଢେଇ ବସାକୁ ଭୁଲି ଯାଇଛି
କହିଲେ କହିବ କହୁଛି ।

କହିଲେ କହିବ କହୁଛି
ନା ଗାଁରେ ଦୋଳ ଆଉ ହଉଚି
ନା ଫଗୁ ଦଶମୀରେ ଫଗୁ ଖେଳ ଟିକେ ହଉଚି
ଖାଲି ଗାଁ ଟୋକାଏ ନଙ୍ଗଳା ଗୀତରେ ଥେଇ ଥେଇ ନାଚୁଛି
କହିଲେ କହିବ କହୁଛି ।

କହିଲେ କହିବ କହୁଛି
ନା ଗାଁ ଦାଣ୍ଡରେ ପାତଙ୍ଗୀ ଉଡୁଛି
ନା ଗିଲିଦଣ୍ଡୁ ଖେଳ ହଉଚି
ପିଲାଟା ଆମର ଖାଲି ଭିଡ଼ିଓ ଗେମ ଖେଳୁଛି
କହିଲେ କହିବ କହୁଛି ।

କହିଲେ କହିବ କହୁଛି
ଗାଁ ଟା ଆମର ଗାଁ ହେଇକି ଆଉ କି ଅଛି
ନା ଗାଁ ରେ ଗାଉଁଲି କିଏ ରହିଛି
ସହର ଟା ପୂରା ଗାଁକୁ ଖାଇ ଯାଇଛି
କହିଲେ କହିବ କହୁଛି   I

କହିଲେ କହିବ କହୁଛି
କର୍ପୁର ଉଡ଼ିଛି କନାଟେ ପଡି ରହିଛି
ଯିଏ ଯିବା କଥା ଚାଲି ଯାଇଛି
ତଥାପି ମୋ ଗାଁ ବଞ୍ଚିଛି
କହିଲେ କହିବ କହୁଛି   I

ଜଟଣୀ, ଖୋର୍ଦ୍ଧା

# ଫୁଲ

ଦୁର୍ଯ୍ୟୋଧନ ବେହେରା

ଏତେ ରୂପଗୁଣେ ଗଢିଲା ତୋତେ କିଏ ଲୋ ଫୁଲ ?
ବିଧୁର ପ୍ରାଣରେ ଆନନ୍ଦ ଭାବ କରୁ ସଂଚାର
ଅନାବିଳ ସ୍ୱଚ୍ଛ ହୃଦୟ ଧନ୍ୟ ଜୀବନ ତୋହର
ବିଭୁଙ୍କ ପଦାରବିନ୍ଦରେ ସିନା ସ୍ଥାନ ତୋହର
ନିରୀହ ନିଷ୍ପାପ ପରାଣ ଛନ୍ଦହୀନ ସରଳ
ଅନୁପମ ତୋର ସୌନ୍ଦର୍ଯ୍ୟ ନାହିଁ ତୁଳନା ତା'ର
ଉଲ୍ଲସିତ ହୁଏ ପରାଣ ସିନା ଦର୍ଶନେ ତୋର
ମଧୁର ମହକେ ହସାଉ ଏଇ ସାରା ସଂସାର
କ୍ଷଣେ ନିମିଷେ ତୋ ଜୀବନ ନାହିଁ ଶୋଚନା ତୋର
ସମର୍ପଣ ଭାବେ ବାନ୍ଧିଛୁ ସଭିଙ୍କର ଅନ୍ତର

ଶିକ୍ଷକ ,ଗୁରିଲୋ ସରକାରୀ ଉ.ପ୍ରା ବିଦ୍ୟାଳୟ
ହିନ୍ଦୋଳ ,ଢେଙ୍କାନାଳ

# ଭାରତ ମାତା

ରମେଶ ଚନ୍ଦ୍ର ବେହେରା

ମୁହିଁ ଯାଉଅଛି ଦେଶ ସେବା ପାଇଁ
ସମୟ ଡାକିଲା ମୋତେ
ପୁଅ ଝିଅ ମୋର ଲାଗିଲା ତୁମକୁ
ଖୁସିରେ ରଖିବ ଯେତେ ।୧।

ରାଗି କରି କେବେ କିଛି କହିବନି
ତାଙ୍କ ମନ ଦୁଃଖ ହେବ
ଯାହାବି ମାଗିବେ ଯାହାବି କହିବେ
ସବୁ ଆଣି କରି ଦେବ ।୨।

ପାଠ ପଢା ପଢି ଭଲକି ଦେଖିବ
କଷ୍ଟ ଦେବନାହିଁ ମନେ
ମାଆ ବାପା ଦେହ ଭଲ ନ ରହିଲେ
ଔଷଧ ଦେବ ଯତନେ ।୩।

ନିଜ ପ୍ରତି ଧ୍ୟାନ ଦେଉଥିବ ତୁମେ
ମୋତେ ବେଶି ଭାବିବନି
କହି ପାରୁନାହିଁ ଫେରିବିକି ନାହିଁ
ଜମାରୁ ବ୍ୟସ୍ତ ହେବନି ।୪।

ଦେଶ ପାଇଁ ଯଦି ଶହୀଦ ହୁଏ ମୁଁ
ଭାଙ୍ଗି ଦେବନି ନିଜକୁ
ଭାରତ ମାତାକୁ ସମ୍ମାନ ଦେଖାଇ
ଦୃଢ଼ କରିଦେବ ମନକୁ ।୫।

ଭାବି ନେବ ତୁମେ ସ୍ୱାମୀ ଯେ ମୋହର
ଦେଶ ପାଇଁ ଲଢ଼ି ମଲା
ଦେଶ ରକ୍ଷା ପାଇଁ ଗଲା ତା ଜୀବନ
ଦେଶର ମାନ ରଖିଲା ।୬।

ବାଟୀ, ସିମୁଳିଆ, ବାଲେଶ୍ୱର

# ଉପନ୍ୟାସ ପ୍ରେମିକା

ଅଲେଖ ଚନ୍ଦ୍ର ବେହେରା

କସ୍ତୁରୀଗନ୍ଧା ଗୋ , ମେଘାନନ୍ଦୀ ଘନକାମୀ
ମନ୍ମଥାଳୟ ମୋ ଉନ୍ମୁକ୍ତ ପଡିଛି, କାହିଁ ତୁମେ ପ୍ରେମବାମୀ ?

ଅସମ୍ପୂର୍ଣ୍ଣ କଥା ଅର୍ଦ୍ଧଲେଖା ନାମ
ପୂର୍ଣ୍ଣତା ଉନ୍ମାଦେ ଅପେକ୍ଷିତ ପ୍ରେମ
ଶିଳାନ୍ୟାସ କେବେ କେବେ ଉନ୍ମୋଚନ
କେବେ ଉପନ୍ୟାସ ଲେଖା ହେବ ପୂର୍ଣ୍ଣ    ||

ଚୀନ୍ମୟୀ ଗୋ ତବ ପଦଚିହ୍ନ ଛାଇ
ମନରେ ପଡିଛି ଛୁଇଁହୁଏ ନାହିଁ
ଅବ୍ୟକ୍ତ ଏ କଷ୍ଟ ପରିପୁଷ୍ଟ ହୋଇ
ନେତ୍ରଦ୍ଵଇ ମୋର ଦେଉଛି ଭିଜାଇ    ||

ଶର୍ବରୀ ଶେଷରେ ନିଦ୍ରା ନିନ୍ଦେ ମତେ
ଅର୍ଦ୍ଧରାତ୍ରେ ଚାହିଁ ଆଭିଳାଷି ଚିତେ
କେଉଁ ଭଗ୍ନ ସ୍ଵପ୍ନ ସଜାଇ କାଗଜେ
କାହା ପାଇଁ ତୋର ନିତି ଶାନ୍ତି ହଜେ ?

ବସନ୍ତ ହସୁଛି କେଳିକଣ୍ଠ ସ୍ଵରେ
ପଳାଶ ଝୁମୁଛି ସଧିର ସମିରେ
ଉଲ୍ଲସିତ ହୁଏ ନବପଲ୍ଲବିତ
ଫଗୁଣ ଫଗୁକୁ ଚାହିଁଛି ଜଗତ    ||

ଉତ୍ତର ମାଗୁଛି ମତେ ଅସ୍ତଗାମୀ ସୂର୍ଯ୍ୟ
କିଏ ସେ ମାନସୀ ହୃଦୟେ ବିରାଜ ?
ଉତ୍ତର ମୁଁ ଦିଏ ବିଷାଦେ ବାହୁନି
ଉପନ୍ୟାସ " ମୋ ପ୍ରେମିକା " କାହିଁକି ଆସୁନି  !

**ଅଙ୍ଗାରବନ୍ଧ, ଅନୁଗୁଳ**

# ମୋ କଲମ

ନୂତନ କୁମାର ବେହେରା

ମୋ କଲମ ବୁଝି ମନର କଥା
ଲେଖିଯାଏ କେତେ ମରମ ବ୍ୟଥା,
ସଂସାରର ଯେତେ ଯଥା ଅଯଥା
ବଦଳାଇବାକୁ ଚାହେଁ
ଅବ୍ୟବସ୍ଥାକୁ କରି ସୁବ୍ୟବସ୍ଥା ।
ମୋ କଲମର କାଳିରେ ଉଠି
ଭାବ ସମୁଦ୍ରର ଲହରୀମାଳା,
ନାଚି ନାଚି ଛୁଇଁ ଯାଏ
ସାଧା କାଗଜର ବେଳାଭୂମି
ଲେଖିଦେଇ ଭାବନାର ବର୍ଣ୍ଣମାଳା ।

ମୋ କଲମ ସାଥେ ମୋ ସଂପର୍କ
ଏ ଦୁନିଆଁରେ ନିଆରା,
ତା ବିନା ଲାଗେ ମୋ ଜୀବନ ଅଧୁରା ।
ସତେ କି ଜୀବ ପରମର
ଚିରନ୍ତନ ସଂଯୋଗ,
ପରମକୁ ପାଇବାରେ ପାର୍ଥିବ ଜଗତର
ଏକ ପ୍ରେରଣାର ଅନନ୍ତ ଅନୁରାଗ ।

ହୃଦୟର ସ୍ପନ୍ଦନରେ
ପ୍ରତିଧ୍ୱନିତ ହୁଏ ଯାହା,
ମୋ କଲମ ଲେଖିଦିଏ
ଖୋଜି ତାର ସୁଗମ ରାହା ।
ମୋ ମନର ମୃର୍ତ୍ତିକାରେ ଅଙ୍କୁରିତ
ହୁଏ ଯେତେ ଆଶାର ଅନାବନା ବୀଜ,
ମୋ କଲମର ଭାଷା
ଖତ ସାର ଜଳ ଦେଇ ସେ ସବୁକୁ
କବିତାର ଦ୍ରୁମ କରି କରେ ଚିର ସବୁଜ ।

ମୋ ଅନୁଭବ ଅଭିଜ୍ଞତା
ସଜ ଫୁଲ ପରି ପେନ୍ଥା ପେନ୍ଥା,
ଲେଖାର ଧାଡି ଧାଡିରେ
କବିତାର ପଂକ୍ତି ପଂକ୍ତିରେ
ଛନ୍ଦ ଭରି ମୋ କଲମରେ ହୁଏ ଗୁନ୍ଥା ।
ପାଠକ ଜନ ମନ ସରସ କରି
ଦେଇ ପାରେ ଯେବେ କିଛି ଆନନ୍ଦ,
ମୋ ଶ୍ରମ ସାର୍ଥକ ହୋଇ
ଅନ୍ତରରୁ ମୋତେ ଲାଗେ
ପାନକଲା ପ୍ରାୟେ ମକରନ୍ଦ ।

**କୋହି,ଗଡିଆ,ମୟୂରଭଞ୍ଜ**

# ସେ କିଏ ?

ମଞ୍ଜୁଲତା ସିଂ

ସେ କିଏ ??
ଯିଏ ଛଡାଇ ନିଏ
ଜୀବନରୁ ପ୍ରାଣ ଟିକକ....
ତା ଛଳନାରେ ଲିଭିଯାଏ
ଓଠର ଚେନାଏ ହସ...
କିଏ ସେ ଛିଡାଇଦିଏ ନିବିଡ଼ ବନ୍ଧନର ଡୋରି...
କାହାପାଇଁ ଭାଙ୍ଗୁଥାଏ ଭରସାର ଦୁର୍ଗ
କେଜାଣି କେତେ ଟୁକୁଡାରେ...
ପ୍ରେମର ଅଲେଖା ଫର୍ଦ୍ଦରେ କିଏ ସେ ବୋଳିଦିଏ ପରସ୍ତ ପରସ୍ତ ଘୃଣାର
ପରତ... ??
ଏଠି ଜୀବନର ମୂଲ୍ୟ କେତେ ??
ହିସାବ ଖୋଜିବା ଆଗୁ ଲାଗିଯାଏ ଜୀବନର ବାଜି...
ଏ କେମିତି କପଟତା ??
ଡାକିଆଣେ ଧ୍ୱଂସର ବିଭିଷୀକା
କ୍ଷଣକେ ଚହଲିଯାଏ ମାଟିରୁ ଆକାଶ
ଝରିପଡ଼େ ଖଣ୍ଡ ଖଣ୍ଡ ମାଂସର ଟୁକୁଡା...
ଛାତିର ନିଗିଡ଼ା ଲହୁରେ ଓଦା ହୁଏ
ମାଟିର ଶୁଖିଲା ପଣତ
ପବନରେ ଉଡ଼ିବୁଲେ ମହଣ ମହଣ
ବାରୁଦର ନାକଫଟା ଗନ୍ଧ
ଅଜଣା ଆଶଙ୍କାରେ ଶିହରିତ
ତାଲୁରୁ ତଳିପା..

ଟୋପା ଟୋପା ମହମର ଉଷ୍ଣତାରେ
ଉଡ଼ିବୁଲେ ମୁଠାଏ ପାଉଁଶ..
ଏ କେମିତି ନିଷ୍ଠୁରତା ??
ଟପିଯାଏ ସୀମା ସରହଦ..
ପ୍ରେମ ତ ନଥାଏ..
ମୁଠାଏ ପ୍ରେମ ବିନା ସବୁ କିଛି
ଛିନ୍ନ ଭିନ୍ନ...
ଏ ଜୀବନ କଣ ଏତେ ମୂଲ୍ୟହୀନ... ??
ଏବେତ ବୁଝିବାର ବେଳ ପ୍ରେମର ଭାଷା ଟିକକ..
ଯୋଡିବାର ବେଳ ଭଙ୍ଗା ହୃଦୟକୁ..
ନଚେତ.. କିଏ ଜାଣେ...
ଏ ସୁନ୍ଦର ପୃଥିବୀ ଧ୍ୱଂସ ହେବାକୁ
ଆଉ ବା କେତେ ଦିନ... ??

ଭୁବନେଶ୍ୱର

# ମାଙ୍କଡ ନାଟ

ରାଧାମୋହନ ମିଶ୍ର

ମନ ଧ୍ୟାନ ଦେଇ ଶୁଣରେ ଚାଟ
ସଂସାରରେ କେତେ ବାଟ ଅବାଟ
ବିଦ୍ୟା ଅଧ୍ୟୟନେ ନକରି ମଠ
ପଢି ପଢାଇବୁ ଜାଣିଲେ ଜିଣିବୁ
ଦୁନିଆର ଏଇ ମାଙ୍କଡ ନାଟ
ମନ ଧ୍ୟାନ ଦେଇ ଶୁଣରେ ଚାଟ  ।୧।

ତୋ ଆଗରୁ ଯେତେ ଅଛନ୍ତି ପଢି
କେତେ ବିଦ୍ୟାର୍ଥୀଙ୍କୁ ଧରାଇ ଖଡି
ଶିଖିଛନ୍ତି ପଢା ଅପଢା ପାଠ
ସମୟକୁ ବାବୁ ନକରି ନଷ୍ଟ
ହେଉ ପଛେ ମନ ଦେହର କଷ୍ଟ
ମନ ଧ୍ୟାନ ଦେଇ ପଢରେ ପାଠ  ।୨।

ପ୍ରଥମ ଗୁରୁ ତୋର ପିତା ମାତା
କଥା ତାଙ୍କ କରିବୁନି ଅନ୍ୟଥା
ମନବୁଝି ତାଙ୍କ କରିବୁ ସେବା
ବିକଶିତ ହେବ ତୋର ପ୍ରତିଭା
ସେଥି ପାଇଁ ବାବୁ ନକର ହଟ
ମନ ଧ୍ୟାନ ଦେଇ ପଢରେ ପାଠ  ।୩।

ବହି ଯାଉଛିରେ ସମୟ ତୋର
ବଳ ବୟସକୁ ସାଥିରେ ନେଇ
ଗଲା ଦିନ ଆଉ ଫେରିବ ନାହିଁ
ଚାହିଁଥିବୁ ବାବୁ ବିକଳ ହୋଇ
ସମୟରୁ ତେଣୁ ଖୋଜିତୁ ବାଟ
ମନ ଦେଇ ବାବୁ ପଢୁଥା ପାଠ  I୪I

ଯାହା ଖୋଜିଲେ ତୁ ତାହା ପାଇବୁ
ଜାଣିବୁ ସଂସାର ଭିତିରି କଥା
ଏକଥା କରିବୁ ନାହିଁ ଅନ୍ୟଥା
ବଡ ଦୁନିଆଟା ଲାଗିବ  ଛୋଟ
ମନଦେଇ ବାବୁ ପଢରେ ପାଠ   I୫I

କେଳା ବେତ ଡରେ ନାଚେ ମାଙ୍କଡ
ମଣିଷ ମାଙ୍କଡ କେଳା ସମୟ
ବିଚାରିବୁ ମନ କରି ତୋ ଥୟ
ସଂସାରେ ଚାଲିଛି ମାଙ୍କଡ ନାଚ
ମନ ଦେଇ ବାବୁ ପଢୁଥା ପାଠ    I୬I

**ରଣପଶି,ଢେଙ୍କାନାଳ**

# ଈଶ୍ୱର

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଈଶ୍ୱର ଅଛନ୍ତି ସବୁଠି ସୃଷ୍ଟି ତାଙ୍କର ଘର
ଗଢି ଅଛନ୍ତି ସେ ସଂସାର ଆହା କେଡେ ସୁନ୍ଦର I
ପଶୁ ପକ୍ଷୀ କୀଟ ପତଙ୍ଗ ତରୁ ତୃଣ ଦେହରେ
ଜୀବ-ଆତ୍ମା ରୂପେ ଈଶ୍ୱର ଚରାଚର ବିହରେ I
ସୂର୍ଯ୍ୟ ଚନ୍ଦ୍ର ତାରା ପୃଥିବୀ ଜଳ ବାୟୁ ଆକାଶ
ତାହାଙ୍କ ମହିମା ବଳରେ ହୋଇ ଅଛି ପ୍ରକାଶ I
ବର୍ଷ ମାସ ଦିନ ଦଣ୍ଡ ସେ କରିଛନ୍ତି ନିର୍ମାଣ
ସୁଖ ଦୁଃଖ ଜନ୍ମ ମରଣ ସବୁ ତାଙ୍କ ଭିଆଣ I
ବୃକ୍ଷ ଲତା ଦେହେ ଖଞ୍ଜିଲେ କେତେ ମଧୁର ଫଳ
ନଦୀ ଝରଣାରେ ଝରାଇ ଦେଲେ ଶୀତଳ ଜଳ I

ପିତାମାତା ଭାଇ ଭଗିନୀ ପ୍ରାଣେ ସ୍ନେହ-ମମତା
ତୁମ ପାଇଁ ଦେଇ ଅଛନ୍ତି ସେହି ସୃଷ୍ଟି କରତା I
ଚକ୍ଷୁ କର୍ଣ୍ଣ ଜିହ୍ୱା ନାସିକା ହସ୍ତ ପଦ ଆବର
ଗଢିଛନ୍ତି ନର ଶରୀର ଆହା କେଡେ ସୁନ୍ଦର I
ଦେଇଛନ୍ତି ରଖି ମଥାରେ ବୁଦ୍ଧି-ଜ୍ଞାନ ବିବେକ
ଦୟା-କ୍ଷମା ସ୍ନେହ-ଶରଧା ହୃଦୟରେ ଯେତେକ I
କ୍ଷୁଧା-ତୃଷା ନିଦ୍ରା-ଆଳସ୍ୟ ଦେଇଛନ୍ତି ଦେହରେ
ସୁଖେ ହସ ଫୁଟେ ଦୁଃଖରେ ପୁଣି ଲୋତକ ଝରେ I
ପଶୁ ପକ୍ଷୀ କୀଟ ପତଙ୍ଗ ଗଢି ଅଛନ୍ତି କେତେ
ଜଳେ ସ୍ଥଳେ ଆକାଶେ ଭ୍ରମୁ ଅଛନ୍ତି ଯେତେ I

ଜୀବ ଠାରେ ତା'ଙ୍କ କରୁଣା ସ୍ନେହ-ଶ୍ରଦ୍ଧା ଅପାର
ଭୁଞ୍ଜିବାକୁ ଜୀବ ସର୍ବତ୍ର ଦେଇଛନ୍ତି ଆହାର    ।
ସର୍ବଦା ବାଳକ ବାଳିକା ତା'ଙ୍କୁ କର ସ୍ମରଣ
ନିଶ୍ଚୟ ସଂସାରେ ହୋଇବ ସୁଖମୟ ଜୀବନ    ।
ବିପଦ ଆସିଲେ ଆଗରୁ ପ୍ରଭୁ ଦେବେ ଚେତାଇ
ଅବାଟରେ ଗଲେ ନିଶ୍ଚୟ ବାଟ ଦେବେ ବତାଇ    ।
ତା'ଙ୍କ ପାଦେ ଯେହ୍ନୁ କରଇ ଭବେ ଦୃଢ ଭକତି
ନିଶ୍ଚୟ ତାହାକୁ ଦିଅନ୍ତି ପ୍ରଭୁ ଅସୀମ ଶକ୍ତି    ।
ସବୁରି ଅନ୍ତର ଜାଣନ୍ତି ଅନ୍ତର୍ଯ୍ୟାମୀ ଇଶ୍ୱର
ଚରାଚର ସୃଷ୍ଟି ବାରତା ତା'ଙ୍କୁ ହୁଏ ଗୋଚର    ।

ପାଶେ ପାଶେ ପ୍ରଭୁ ଅଛନ୍ତି କେବେ ନାହାଁନ୍ତି ଦୂରେ
ଭକ୍ତ ପାଇଁ ଦୁଃଖେ ସର୍ବଦା ତାଙ୍କ ପରାଣ ଝୁରେ    ।
ଭକତ ପ୍ରେମରେ ହୁଅନ୍ତି ପ୍ରଭୁ କେବଳ ବନ୍ଧା
ମନ୍ତ୍ର ଯନ୍ତ୍ର ବଳି ଭୋଗରେ ନାହିଁ ତା'ଙ୍କ ଶରଧା    ।
ଦମ୍ଭ-ଗର୍ବ  ଛନ୍ଦ-କପଟ ଅଛି ଅନ୍ତରେ ଯା'ର
କଦାପି ଈଶ୍ୱର ଯାଆନ୍ତି ନାହିଁ ପାଶକୁ ତା'ର    ।
ବାଳକେ ସର୍ବଦା ଈଶ୍ୱର ପାଦେ କର ବିଶ୍ୱାସ
ଜୀବନରୁ ଦୁଃଖ ଦୁର୍ଗତି ଭାର ହେବ ଉଶ୍ୱାସ    ।

ଜହ୍ନିତଇଳା, ଢେଙ୍କାନାଳ

# ଗଦ୍ୟ ବିଭାଗ

# ଶୂନ୍ୟବାଦ ଓ ଗୁରୁବାଦ

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

(ଭାଗ- ୧)

ଭାରତୀୟ ଆଧ୍ୟାତ୍ମ୍ୟ ଦର୍ଶନରେ ଶୂନ୍ୟବାଦ ଯୁଗେ ଯୁଗେ ପ୍ରଥମ ସ୍ଥାନ ଅଧିକାର କରି ଆସୁଅଛି । ବେଦରେ ବ୍ରହ୍ମ ଏକ ,ଅଦ୍ୱିତୀୟ ; ଅବ୍ୟକ୍ତ ,ଜନ୍ମ ମୃତ୍ୟୁ ରହିତ ବୋଲି ଶୂନ୍ୟବାଦର ବହୁଳ ବର୍ଣ୍ଣନା କରାଯାଇଅଛି । ସାକାରତ୍ୱ ପ୍ରତିପାଦନ କରୁଥିବା କୌଣସି ନାମ-ରୂପ ବ୍ରହ୍ମଙ୍କଠାରେ ଆରୋପ କରାଯାଇଥିବାର ଦୃଷ୍ଟିଗୋଚର ହୁଏ ନାହିଁ ।

ସପର୍ଯ୍ୟଗାଚ୍ଛୁ କ୍ରମକାୟମବ୍ରଣଂ
ଅସ୍ନାବିରଂ ଶୁଦ୍ଧମପାପବିଦ୍ଧଂ ।
(ଯଜୁଃ)

ଅର୍ଥାତ- ବ୍ରହ୍ମ ସର୍ବବ୍ୟାପୀ; ସୃଷ୍ଟିର ବୀଜ ସ୍ୱରୂପ ; ଅଦେହ ; ବ୍ରଣାଦି ରହିତ ସ୍ନାୟୁଯୁକ୍ତ ଶରୀର ନୁହଁନ୍ତି ; ସେ ଶୁଦ୍ଧ-ପୁତ, ପାପବିଦ୍ଧ ଶରୀର ନୁହଁନ୍ତି ।

ଜଗଦ୍-ଗୁରୁ ଶଙ୍କରାଚାର୍ଯ୍ୟ କହନ୍ତି :-

ପ୍ରାତର୍ ଭଜାମି ମନସୋବଚସାମ୍ ଅଗମ୍ୟମ୍
ବାଚୋ ବିଭାନ୍ତି ନିଖିଳା ଯଦନୁ ଗ୍ରହେଣମ୍ ।
ଯଂନେତି ନେତି  ବଚନୈ ନିର୍ଗମଅବଚସ୍
ତଂ ଦେବ ଅଜମ୍ ଅଚ୍ୟୁତମ୍ ଆହୁରଗ୍ୟମ୍ ।

ଅର୍ଥାତ- ମନ, ବଚନ ଅତୀତ ପରମାତ୍ମାଙ୍କୁ ପ୍ରାତଃ ସମୟରେ ଭଜନ କରୁଅଛି । ଯାହାଙ୍କ କୃପାରେ ସକଳ ବାକୀ ପ୍ରକାଶିତ ହୁଏ । ଯାହାଙ୍କୁ ବର୍ଣ୍ଣନା କରି କରି ଏହାର ଶେଷ ନାହିଁ ଶେଷ ନାହିଁ କହି ବେଦ ବାକ୍ୟହୀନ ହୋଇଯାଇଛି । ସେହି ଦେବ ଦେବ ଜନ୍ମ ମୃତ୍ୟୁ ରହିତ ପରମାତ୍ମା ସମସ୍ତଙ୍କର ଉପାସନା ଯୋଗ୍ୟ ଅଟନ୍ତି ।

ମହାକବି କାଳିଦାସଙ୍କ ମତରେ –

ଜଗଯୋନିରଯୋନିତ୍ୱଂ  ଜଗଦନ୍ତ ନିରନ୍ତକଃ
ଜଗଦାଦିରନାଦି ସ୍ତ୍ୱଂ ଜଗଦୀଶ ନିରୀଶ୍ୱରଃ  I
(କୁମାର ସମ୍ଭବମ୍)

ଅର୍ଥ- ଆପଣ ଜଗତକୁ ଜନ୍ମ ଦେଇଛନ୍ତି,  ମାତ୍ର ଆପଣଙ୍କୁ କେହି ଜନ୍ମ ଦେଇ ନାହାନ୍ତି I ଆପଣ ଜଗତର ଅନ୍ତକ-ଯମ,  ମାତ୍ର ଆପଣଙ୍କର କେହି ଯମ ନାହାଁନ୍ତି I ଆପଣ ଜଗତର ଆଦି, ମାତ୍ର ଆପଣଙ୍କର କେହି ଆଦି ନାହାନ୍ତି I  ଆପଣ ଜଗତର ଇଶ୍ୱର ମାତ୍ର ଆପଣଙ୍କର କେହି ଇଶ୍ୱର ନାହାନ୍ତି I

ସନ୍ଥ କବି ଭୀମଭୋଇଙ୍କ ମତରେ-

ଶୂନ୍ୟ ମନ୍ଦିରେରେ ବିହାର     ରୂପରେଖ ନାହିଁ ଯା'ର
ଦୁଇ ପାଦ ନମିଶାଇ     ଏକପାଦ ଧର ଧର    I
ପାଦପାଣି ନାହିଁ     ତାଙ୍କୁ ଧରିବ କିଏ
ଏମନ୍ତ ବ୍ରହ୍ମ ସ୍ୱରୂପ     ଦେଖା ନଯାଏ    I

ବ୍ରହ୍ମଙ୍କର ଆକୃତି ବିକୃତି ନାହିଁ, ମାତ୍ର ସେ ସବୁ ଦେଖି ପାରନ୍ତି, ସବୁ ଶୁଣି ପାରନ୍ତି, ସବୁ କରି ପାରନ୍ତି I ଯେ ଶାଶ୍ୱତ-ସନାତନ ;  ତ୍ରିଗୁଣାତୀତ , ତ୍ରିକାଳାତୀତ, ନିରାଲମ୍ବ, ନିର୍ବିକାର, ନିର୍ଲିପ୍ତ, ସମସ୍ତ ବ୍ରହ୍ମାଣ୍ଡର ଆଶ୍ରୟ ସ୍ଥଳ ଅଟନ୍ତି I  ସେ ପ୍ରକୃତରେ ନିରାକାର ପରଂବ୍ରହ୍ମ ପଦବାଚ୍ୟ ଅଟନ୍ତି I ତାଙ୍କୁ ଜାଣି ପାରିଲେ ଜୀବ ମୋକ୍ଷ ପ୍ରାପ୍ତି ହୁଏ I

ବେଦାହ ମେତଂ ପୁରୁଷ ମହନ୍ତ
ମାଦିତ୍ୟ ବର୍ଣ୍ଣଂ ତମସପରସ୍ତାତ  I
ତ୍ୱମେବ ବିଦିତ୍ୱାତି ମୃତ୍ୟୁମେତିଃ
ନାନ୍ୟଃପନ୍ଥା ବିଦ୍ୟତେୟନାୟ  I    (ଯଜୁଃ)

ଅର୍ଥ- ବେଦକହେ  ମୁଁ  ଏମନ୍ତ ମହାନ ପୁରୁଷକୁ ଜାଣେ ; ଯେ ସମସ୍ତ ଅଜ୍ଞାନ – ଅନ୍ଧକାର ପକ୍ଷେ ସୂର୍ଯ୍ୟ ସଦୃଶ ଅଟନ୍ତି I  ତାହାଙ୍କୁ କେବଳ ଜାଣିଲେ ମୃତ୍ୟୁକୁ ଅତିକ୍ରମ କରିପାରିବ  I  ନଚେତ୍ ଜୀବର ମୋକ୍ଷପ୍ରାପ୍ତି ପାଇଁ ଅନ୍ୟ ଉପାୟ ନାହିଁ  I

**ଜହ୍ନିତଇଳା, ଢେଙ୍କାନାଳ**

# ମୂକଦ୍ରଷ୍ଟା ବାପା

**ରୋଜା ପଣ୍ଡା**

ସମୟର ସ୍ରୋତରେ ବେଳେବେଳେ କିଛି ସତ୍ୟ ବଣରେ ଫୁଟୁଥିବା ବଣମଲ୍ଲୀ ପରି ଝଡି ସେଇ ବଣ ଭିତରେ କେଉଁଠି ଲୁଚିଯାଏ I ନୂତନ ସୂର୍ଯ୍ୟର ଆଗମନ ପୂର୍ବରୁ ସେଇ ସକାଳ ସୂର୍ଯ୍ୟର ସୁନେଲି କିରଣରେ କଳାବାଦଲ ଢାଙ୍କି ହୋଇ ସବୁଦିନପାଇଁ ସେଇ ଝିଲ୍-ମିଲ୍ କିରଣକୁ ନିଜ ଅସୀମିତ ବକ୍ଷ ତଳେ ଲୁଚାଇଦିଏ I

କର୍ମତତ୍ପର ଚଳଚଞ୍ଚଳ ଜନମାନସ ଭିତରେ ନୂତନ ଗୋଲାପ କଳିକାଟିର ଫୁଟିବାର ଉତ୍ସାହ ଓ ଉଦ୍ଧିପନାକୁ ଦୂରେଇ ଦେଉଥିବା ସମୟ କେତେ ଦୂର ଠିକ୍ ? ଆଉ ସେଇ ସମୟକୁ ଇନ୍ଧନ ଯୋଗାଉଥିବା ବ୍ୟକ୍ତିତ୍ୱମାନେ କେତେଦୂର ଠିକ୍ ? ତା ଠାରୁ ଅଧିକ ଏମିତି ଘଟଣାକୁ ମୂକ ଭଳି ଦେଖୁଥିବା ମହାନ ବ୍ୟକ୍ତିତ୍ୱର ସମାଜରେ ପରିଚୟ କଣ ?

ମଣିଷ ନିଜର ଅନ୍ତରର ଅଭିଜ୍ଞତାସ୍ତର ଅନୁସରଣ କରି ଦିବ୍ୟଶକ୍ତିଙ୍କ ଆରାଧନା କରିଥାଏ I ଏହି ଦିଗରେ ଆମ ଅନ୍ତରର ଜ୍ଞାନ ଯେତିକି କାମ ଦେଇଥାଏ , କୌଣସି ବାହ୍ୟ ଧର୍ମତତ୍ତ୍ୱ ବା ସାମାଜିକ ନିୟମ ସେତିକି କାମ ଦେଇନଥାଏ I କିନ୍ତୁ ବେଳେବେଳେ ସେଇ ଅନ୍ତରର ଅଭିଜ୍ଞତା ନିର୍ବିକାର ହୋଇଯାଏ I ସେ ସ୍ଥାଣୁ ପରି କେବଳ ମୂକସାକ୍ଷୀଟିଏ ପାଲଟିଯାଏ I

କହିବାର ତାତ୍ପର୍ଯ୍ୟ ଏହିକି ଯେ,

ସାଧାରଣତଃ ଘରେ ସ୍ତ୍ରୀ ଲୋକଟିଏ ଗର୍ଭବତୀ ହେବାକଥା ଶୁଣିଲେ ଶାଶୁ ଶ୍ୱଶୁର ଏବଂ ଘରର ସମସ୍ତ ପରିଜନ ଖୁସିରେ ଆତ୍ମହରା ହୋଇ କହିବୁଲନ୍ତି ଯେ , ଆମ ଘରକୁ କହ୍ନେଇ ଆସିବ, କୁନି କାହ୍ନା ଆସିବ , ହିରୋ ଆସିବ, ଏମିତି ଅନେକ କିଛି I

ଏଠି ମୋର ପ୍ରସଙ୍ଗ ଆଜିର ବାପାମାନଙ୍କ ପାଇଁ !

"ବାପା ହେଉଛନ୍ତି ଏକ ଅମୁଲ୍ୟ ରତ୍ନ ଯାହାଙ୍କୁ ସାରା ବିଶ୍ୱ ପ୍ରଣିପାତ କରେ l ଆମ ସମାଜ , ସଂସ୍କୃତି , ସାହିତ୍ୟ ସମସ୍ତେ ବାପାଙ୍କୁ ଚଳନ୍ତି ଦେବତାର ଆଖ୍ୟା ଦେଇଥାନ୍ତି l ଜଣେ ବାପାଙ୍କ କାହାଣୀ ଆରମ୍ଭ ହୁଏ ଯେତେବେଳେ ସ୍ତ୍ରୀଟିଏ ଗର୍ଭବତୀ ହୁଏ l ସେଇଠାରୁ ହିଁ ବାପା ହେବାର ପ୍ରଥମ ସୋପାନ ଆରମ୍ଭ ହୁଏ l ପରିବାରରେ ସମସ୍ତେ ଯେତେବେଳେ ନୂତନ ଆଗନ୍ତୁକଟି ପୁତ୍ର ସନ୍ତାନ ହେବା ବିଷୟରେ କଳ୍ପନା କରନ୍ତି ଠିକ ସେତିକିବେଳେ କେବଳ ଜଣେ ବାପା ହିଁ କନ୍ୟା ସନ୍ତାନର ସ୍ୱପ୍ନ ଦେଖିଥାନ୍ତି l କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ଜଣାପଡେ ଯେ ସ୍ତ୍ରୀ ଗର୍ଭରେ ଥିବା ଶିଶୁଟି କନ୍ୟା ଏବଂ ସେହି ନିରୀହ , ନିଷ୍ପାପ ଭୃଣର ହୋଇଥାଏ ନିଷ୍ଠୁର, ନିର୍ମମ ହତ୍ୟା ସେତେବେଳେ ସେଇଠି କନ୍ୟା ସନ୍ତାନର ଲାଳସା ରଖୁଥିବା ବାପାଙ୍କର ଭୂମିକା କଣ ? ସେ ବି କଣ କନ୍ୟାଭୃଣ ହତ୍ୟାରେ ଜଡିତ ଥାନ୍ତି ନା କିଛି ଅଦେଖା ଚାପର ଶିକାର ହୋଇ ମୂକ ଭଳି ଘଟୁଥିବା ଭୃଣହତ୍ୟାକୁ ସମର୍ଥନ କରନ୍ତି ?

ପୂର୍ବେ ପରିବାରରେ ହେଉଥିବା ସମସ୍ତ ଘଟଣା ଓ ନିଷ୍ପତିକୁ ପରିବାରର ଯେଉଁମାନେ ବଡ , ସେମାନଙ୍କ ନିଷ୍ପତ୍ତି ଅନୁଯାୟୀ ପାଳନ କରାଯାଉଥିଲା l ପିତାମାତା ହୁଅନ୍ତୁ ବା ଶାଶୁଶ୍ୱଶୁର , ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ନିଷ୍ପତିକୁ ଗ୍ରହଣ କରାଯାଉଥିଲା l ଭୁଲ୍ ନିଷ୍ପତି ଜାଣିବି ଲୋକମାନେ ଚୁପ ରହୁଥିଲେ l କିନ୍ତୁ ଏବେ ସମୟ ବଦଳିଛି l ବର୍ତ୍ତମାନର ପିଢ଼ି ନିଜର ଭଲମନ୍ଦ ବୁଝିବା ପାଇଁ ସମ୍ପୂର୍ଣ ସକ୍ଷମ ହେଲେଣି l ଏବେ କୌଣସି ଭୁଲ ନିଷ୍ପତିକୁ ମୁଣ୍ଡପୋତି ସହିବା ପରିସ୍ଥିତିରେ କେହି ନାହାନ୍ତି l ତଥାପି ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବା ସମୟରେ ଜଣେ ବାପା କାହିଁକି ମୂକଦ୍ରଷ୍ଟା ପରି ଚୁପ୍ ରହୁଛନ୍ତି ? ନିଜର କନ୍ୟା ସନ୍ତାନକୁ ଦୁନିଆର ପ୍ରଥମ ଆଲୋକ ଅନୁଭୂତି ହେବାପୂର୍ବରୁ ସବୁଦିନ ପାଇଁ ଅନ୍ଧାରରେ ଛାଡି ଦେଉଛନ୍ତି l

ପ୍ରକୃତରେ ତାଙ୍କ ମନରେ ଥିବା କନ୍ୟା ସନ୍ତାନର ଇଛା ବାସ୍ତବ, ନା ସେ ବି ଅନ୍ୟମାନଙ୍କପରି ପୁତ୍ର ମୋହରେ ଭୁଲିଯାନ୍ତି ଭଗବାନଙ୍କର ଅତୁଳନୀୟ ସର୍ବଶ୍ରେଷ୍ଠ ସର୍ଜନାକୁ ?

ଯଦି ତାଙ୍କର କନ୍ୟାସନ୍ତାନର ସ୍ୱପ୍ନ ବାସ୍ତବ ତେବେ ସେ କଣ ପ୍ରତିବାଦ କରିନଥାନ୍ତି ? ଆଜିକାଲିର ସମାଜରେ ଯେଉଁଠି ମନରେ ଉଙ୍କିମାରୁଥିବା ଛୋଟ ଆଶାଟିଏ ପୂରଣ ନହେଲେ ଲୋକମାନଙ୍କ ମନରେ ବିଦ୍ରୋହର ଭାବନା ଅଗ୍ନିଶିଖା ପରି ପ୍ରଜ୍ୱଳିତ ହୋଇଉଠେ , ସେଇ ସମାଜରେ ରହୁଥିବା ଜଣେ ବାପା କଣ ନିଜର ଭାବି କନ୍ୟାସନ୍ତାନର ଜୀବନ ପ୍ରତି ଆସୁଥିବା ବିପଦକୁ ଦେଖି ମଧ

ସଫଳ ପ୍ରତିବାଦ କରିବାରେ ଅକ୍ଷମ ହୁଅନ୍ତି I କଣ ତାଙ୍କ ପ୍ରତିବାଦରେ ସେହି ବିଦ୍ରୋହର ଅଗ୍ନିଶିଖା ଉତ୍ତାପ ଏତେ କମ୍ ଯେ ପରିବାରର ଚାପରେ ତାହା ଶୀଘ୍ର ଶୀତଳ ପଡ଼ିଯାଏ, ଆଉ ସେ ପାଲଟିଯାନ୍ତି ଏକ ମୂକଦ୍ରଷ୍ଟା ?

ସଦ୍ୟ ମିଳିଥିବା ଏକ ସମ୍ବାଦନୁଯାୟୀ ସୁଦୂର ରାଜସ୍ଥାନର ଏକ ଗଳିରେ ଜଣେ ଭଦ୍ରବ୍ୟକ୍ତି ଅଳିଆ ପକାଇବା ପାଇଁ ଏକ ଡବାପାଖକୁ ଯାଉଥିବା ସମୟରେ ଉକ୍ତ ଡବା ମଧ୍ୟରୁ ଏକ ସଦ୍ୟଜାତ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ କିନ୍ତୁ ଦୁଃଖର ବିଷୟ ଏହିକି ଯେ କିଛି ସମୟପରେ ସେଇ ଶିଶୁଟି ପ୍ରାଣ ହରାଇଥିଲା I ଏଠି ପ୍ରଶ୍ନ ଉଠୁଛି ଯେ, ଯେତେବେଳେ ଉକ୍ତ ନବଜାତ କନ୍ୟା ସନ୍ତାନଟିକୁ ତାର ହୃଦୟହୀନ ପରିବାର ସେହି ଡଷ୍ଟବିନରେ ଛାଡ଼ିଗଲେ, ସେତେବେଳେ ସେଇ ସନ୍ତାନର ବାପା କରୁଥିଲେ କଣ ? ଏହି ଘଟଣାଟି ଏକ ଲଜ୍ୟାଜନକ ବିଷୟବସ୍ତୁ ନୁହେଁ କି  ?

ଉକ୍ତ ସନ୍ତାନଟିର ବାପା ତ ନିଶ୍ଚିତ ଭାବରେ ଅବଗତ ଥିବେ ତାଙ୍କ ଜନ୍ମିତ ସନ୍ତାନର ବିଷୟରେ I ସେ ବି କଣ କନ୍ୟା ସନ୍ତାନ ବୋଲି ଜାଣିଶୁଣି ପିଲାଟିକୁ ଦୂରେଇଦେଲେ ? ଏହି ଅମାନୁଷିକ ପରିସ୍ଥିତିରେ ଜଣେ ବାପାଙ୍କର କର୍ତ୍ତବ୍ୟ କଣ ଏହି ଅନ୍ୟାୟକୁ ପ୍ରତିବାଦ କରିବା ଉଚିତ୍ ନୁହେଁ କି ? କିନ୍ତୁ ଏହି କ୍ଷେତ୍ରରେ ମଧ୍ୟ ବାପାମାନେ ନିରବ ରୁହନ୍ତି I ମୁଁ ଏଠି ସବୁ ବାପାମାନଙ୍କୁ ଦୋଷ ଦେଉନାହିଁ କେବଳ ଯେଉଁ ବାପାମାନେ ଏହି ପରିସ୍ଥିତିରେ ଚୁପ ରହୁଛନ୍ତି ସେଇମାନଙ୍କୁ ପ୍ରଶ୍ନ ବାଢୁଛି I ଏହା କଣ ନ୍ୟାୟୋଚିତ୍ ?

ଯଦି ବାପାମାନଙ୍କର ଆସନ ଭଗବାନଙ୍କ ସମସ୍କନ୍ଦ , ତେବେ ଭଗବାନ କଣ ମଧ୍ୟ ଏହିଭଳି ନା କେବଳ ଏହା ଭଗବାନଙ୍କର ଆସନରେ ବସାଯାଇଥିବା ମୂକଦ୍ରଷ୍ଟା ବାପମାନଙ୍କର ଭୂମିକା  ?

**ନେତାଜୀ ନଗର, ମଧୁପାଟଣା**
**କଟକ**

# ହୋଲି

ସୋନାଲି ସ୍ୱାଇଁ

ହୋଲି ଭଳି ଏକ ରଙ୍ଗୀନ ଦିନରେ , ରଙ୍ଗର ରଙ୍ଗୀନ ଖେଳରେ ମାତୁଆଲା ହୁଅନ୍ତି ପିଲା ଠାରୁ ବୃଦ୍ଧ ପର୍ଯ୍ୟନ୍ତ I ରଙ୍ଗର ରଙ୍ଗୀନ ଛିଟା ସାରା ପୃଥିବୀକୁ ରଙ୍ଗୀନ କରିଦିଏ I ଆଜିଭଳି ଏକ ରଙ୍ଗୀନ ଦିନରେ ସାଗର ଚୁପଚାପ ହୋଇ ବସିଥିଲା ଠିକ୍ ରଙ୍ଗଛଡ଼ା ମଣିଷଟିଏ ପରି I ସାରା ଦୁନିଆ ଯେତେବେଳେ ରଙ୍ଗୀନ ହେଉଥିଲା ସାଗର ବୁହାଇ ଚାଲିଥିଲା ଲୁହ ପରେ ଲୁହର ଅସରା, ସତରେ ଭାରି ଅସ୍ୱାଭାବିକ ପିଲା ଟିଏ I ସବୁଦିନ ଚୁପ୍-ଚାପ୍ ଗୁମ୍-ସୁମ୍ ଯେମିତି ସାଗର କଳା-ଧଳା ରଙ୍ଗ ବିନା କୌଣସି ରଙ୍ଗ ସହ ପରିଚିତ ନଥିଲା I ପିଲାଟିକୁ ଦେଖିବା କ୍ଷଣି ଜଣେ କେହି ଅସ୍ତବ୍ୟସ୍ତ ହୋଇ ଉଠିବା ଏକ ସ୍ୱାଭାବିକ କଥା I ସବୁଦିନ ଭଳି ଆଜିବି ଏମିତି ଏକ ରଙ୍ଗୀନ ଦିନରେ ସାଗର ବସିଥିଲା ସବୁଦିନ ପରି ଚୁପ୍-ଚାପ୍ ହୋଇ......

ସାଗର ଥିଲା ଅଷ୍ଟମ ଶ୍ରେଣୀର ଛାତ୍ର I ସବୁ କ୍ଲାସ୍ ପିରିୟଡ଼ ବ୍ୟତୀତ ସେ ବେଶି ଘୃଣା କରୁଥିଲା ଡ୍ରଇଂକ୍ଲାସକୁ I ଆଉ ବେଶି ଭୟ ଥିଲା ତା'ର ସେଇ ରଙ୍ଗୀନ ରଙ୍ଗମାନଙ୍କ ଉପରେ........ ଯେମିତି ରଙ୍ଗୀନ ରଙ୍ଗମାନେ ଥିଲେ ତା' ପାଇଁ ବାଘଭାଲୁ ସଦୃଶ I ରଙ୍ଗକୁ ଦେଖିବା କ୍ଷଣି ସେ ଭୟରେ ଚିତ୍କାର କରି ଉଠୁଥିଲା I କିଛି ବି ବୁଝି ହେଉନଥିଲା ପିଲାଟିର ଅବସ୍ଥା ..... ସାଗର ସେ ଦିନଟିକୁ କେବେ ବି ଭୁଲି ପାରୁନଥିଲା I ଆଉ ସବୁଠୁ ବେଶି କଷ୍ଟ ହୁଏ ଏଇ ହୋଲି ଦିନରେ I ହୋଲି ସହ ଜଡ଼ିତ ସେହି ଦୁଃଖଦ ଅତୀତ I ସାଗରକୁ ଯନ୍ତ୍ରଣା ପରେ ଯନ୍ତ୍ରଣା ଦେଇ ଚାଲିଥିଲା.........ନାନୀ କଥା ଭାବି ସେ ବହୁତ କାନ୍ଦୁଥିଲା........

ସାଗରର ମନେ ପଡ଼ି ଯାଉଥିଲା ସବୁକଥା ,ଲୁହର ସୁଅ ଛୁଟିବାକୁ ଆରମ୍ଭ କରିଥିଲା ସାଗରର ଆଖିରୁ I ସେଦିନ ଥିଲା ହୋଲି I ସାଗର ବହୁତ ଖୁସିଥିଲା I ନାନୀ ତା ପାଇଁ ରଙ୍ଗ ବେରଙ୍ଗିର ପୁଳାଏ ରଙ୍ଗ ଆଣିଥିଲା I ସାଗର ନାଚି ଗାଇ ହସ ଖୁସିରେ ହୋଲି ମନାଉଥିଲା I

କାହାକୁ ଅବିର ଫିଙ୍ଗୁଥିଲା ତ କାହାକୁ ପିଚକାରିରେ ରଙ୍ଗର ପାଣି ଫିଙ୍ଗୁଥିଲା । ପିଚକାରୀର ସେ ରଙ୍ଗମିଶା ପାଣି ନାନୀ ଉପରକୁ ଫିଙ୍ଗିଲେ, ନାନୀ ଚିଲାଉଥିଲା "ସାଗର ସେ ରଙ୍ଗମିଶା ପାଣିରେ , ରାସାୟନିକ ପଦାର୍ଥ ସବୁ ମିଶ୍ରିତ, ଦେହରେ ପଡ଼ିଲେ ସେ ଉପରେ କ୍ଷତି ପହଞ୍ଚାଇବ "। ସାଗର କିଛି ବି ଶୁଣୁ ନଥିଲା..........ବ୍ୟସ୍ତଥିଲା ହୋଲି ଖେଳରେ........ଭୁଲବଶତଃ ସେ ରଙ୍ଗମିଶା ପାଣି ପଡ଼ିଯାଉଥିଲା ନାନୀ ଆଖିରେ....ଆଉ ନାନୀ କାନ୍ଦି କାନ୍ଦି ଜୋରରେ ଚିଲାଉଥିଲା । ବାପା ଦୌଡ଼ି ଆସିଲେ, ଆଉ ଡେରି ନକରି ସାଙ୍ଗେ ସାଙ୍ଗେ ଡ଼ାକ୍ତରଖାନା ନିଆଗଲା, ହେଲେ କିଛି ବି ଲାଭ ହେଲାନାହିଁ । ରାସାୟନିକ ପଦାର୍ଥ ମିଶ୍ରିତ ସେ ରଙ୍ଗର ପାଣିରେ ନାନୀ ସବୁଦିନ ପାଇଁ ତାର ଗୋଟିଏ ଆଖି ହରେଇ ଦେଇଥିଲା । ସାଗର ସେଦିନର ସେହି ଭୁଲ ପାଇଁ ପ୍ରତି ମୁହୂର୍ତ୍ତରେ ନିଜକୁ ଦୋଷୀ କରି ଅନୁତାପ କରୁଥିଲା........ତା ଭୁଲର ଦଣ୍ଡ ସ୍ୱରୂପ , ବାପା ବାଛିଦେଲେ ତା ପାଇଁ ହଷ୍ଟେଲ ଜୀବନ । ୧୨ ବର୍ଷ ବୟସରେ ଘରୁ ମୋହମାୟା ତୁଟାଇ କୁନି ସାଗର ଆପଣାଇ ନେଇଥିଲା ହଷ୍ଟେଲକୁ । ସେ ଥିଲା ସବୁ ପିଲାଙ୍କଠାରୁ ଭିନ୍ନ ପୁରା ଚୁପ୍-ଚାପ୍ ଓ ଶାନ୍ତଶିଷ୍ଟ । ଆଉ ଗଣିତ, ଇଂରାଜୀ କ୍ଲାସ ଅପେକ୍ଷା ସେ ବେଶି ଭୟ କରୁଥିଲା ସେ ରଙ୍ଗୀନ ରଙ୍ଗମିଶା ଡ୍ରଇଂ ପିରିୟଡ଼କୁ.............

**ବୋରିକିନା, ଜଗତସିଂହପୁର**

# କିଛି କଥା କିଛି ବ୍ୟଥା

**ରାଧାମୋହନ ମିଶ୍ର**

ଭୋଟ ସମୟ ଆସିଛି, ମାଳ ମାଳ ବିଜ୍ଞାପନର କୁହୁଡିରେ ଅସରନ୍ତି ଯୋଜନାର ପ୍ରହେଳିକା I  ସତମିଛ ଚିନ୍ତା କରିବାକୁ ବେଳ ନାହିଁ, ପ୍ରଚଣ୍ଡ ଗ୍ରୀଷ୍ମର ଉତ୍ତାପରେ ବର୍ଷା ପାଣିଟିକେ ପାଇବାକୁ ବ୍ୟାକୁଳ ଚାତକ ପରି ପାଞ୍ଚ ବର୍ଷରେ ଥରେ ଆସୁଥିବା ନିର୍ବାଚନ ନଦୀରେ ଭାସି ଆସୁଥିବା କିଛି ପଦାର୍ଥକୁ ଗୋଟେଇବାରେ ଜନ ଜୀବନ ଅସ୍ତବ୍ୟସ୍ତ I ବଢିପାଣି କମିଗଲେ ଆଉ କିଛି ନଥିବା ଭାବି ଜୀବନକୁ ପାଣି ଛଡେଇ ଅଣ୍ଟାରେ ଦଉଡି ବାନ୍ଧି ନଦୀର ପ୍ରଖର ସ୍ରୋତକୁ ଖାତିର  ନକରି ସାଉଁଟିବା ଲୋକମାନେ ଜାଣନ୍ତିନି ଜୀବନ କୌଣସି ମୁହୂର୍ତ୍ତରେ ବି ଯାଇପାରେ I ତଥାପି, ଏ ଚାଷତ ପାଞ୍ଚ ବର୍ଷରେ ଥରେ ଆସେ, ଖସିଗଲେ ଗଲା  I

ଗାଁରେ ଚଳଚଞ୍ଚଳ ଗ୍ରାମବାସୀଙ୍କର ଆଲୋଚନା ପର୍ଯ୍ୟାଲୋଚନା ଜୋର ଧରିଲାଣି I ଗ୍ରାମସଭାରେ  ନିଷ୍ପତି ନିଆଯାଇପାରେ ବିଭିନ୍ନ ବିଷୟରେ I  କୋଉ ଦଳ ଗାଁକୁ କେତେ ଦବ ଦେଶକୋଠ ଘର ପାଇଁ, କୋଠ ଘରେ ଟିଭି ନାଇଁ , ନେଟ୍ ସେବା ପାଇଁ କିଛି ଅର୍ଥ ଦରକାର I  ପିଲା ମାନଙ୍କରର ଖେଳ ସାମଗ୍ରୀ, ଖେଳ ପଡିଆର ଉନ୍ନତିକରଣ, କ୍ରିକେଟ, ଫୁଟବଲ ପାଇଁ ଡ୍ରେସ ଇତ୍ୟାଦିର ଆବଶ୍ୟକତା ଅଛି, ତେଣୁ ଯୁବକ ମାନେ ସଭାର ଆଗ ଧାଡିରେ I ଏବର୍ଷ ଭୋଟ ପୂର୍ବରୁ ବିଭିନ୍ନ ଦଳର ସଂଗୃହିତ ଅର୍ଥ ଏସବୁ କାମରେ ଲାଗିବ I ଭୋଜିତ ନିହାତି ହବ, ରାଜନୀତିରେ ଦଉଡା ଦଉଡି କରୁଥିବା ଯୁବକମାନେ କଣ ଭୋକରେ ରହିବେ, ଏଇଟାତ ସାଧାରଣ କଥା I ଗଣେଶ ପୂଜା ସରିଲେ, ଦଶହରା ଭସାଣି ପରେ ମାଂସ ତରକାରୀତ ସବୁଠି ହୁଏ ସମସ୍ତେ ଜାଣିଛନ୍ତି  I  ଭୋଟ ହବାର କିଛି ଦିନ ପୂର୍ବରୁ ନିର୍ବାଚନ ଆଚରଣ ବିଧି ଲାଗିଯିବ I ସେଥିପାଇଁ ରାତିଦିନ ଏକାଠି କରି ଏସବୁ ସରିବା ଦରକାର  , ସବୁ ପଇସା ଖର୍ଚ୍ଚ କରି ହେବନି I ହାରିଥିବା ପ୍ରାର୍ଥୀ ଭୋଟ ସରିଲେ ଗାଁରେ ଜୁଲମ କରିବେ , ତାଙ୍କ ପଇସା ଫେରେଇବାକୁ ପଡିପାରେ I ଗାଁର ଇଜ୍ଜତ ଚାଲିଯିବ I କଥାରେ ଅଛି "ନେଇ ଆଣି ଥୋଇ ପାରିଲେ ଚୋରି ବିଦ୍ୟା ଭଲ " I ତେଣୁ ଗାଁ ସଭାରେ ସବୁକଥା ଆଲୋଚନା ହୁଏନି I ସମସ୍ତେ ଘରକୁ ଫେରିଲା ପରେ ତଥାକଥିତ ଯୁବକମାନଙ୍କ ଗୁପ୍ତ ମନ୍ତ୍ରଣାରେ ପାରିତ ହୁଏ ବିଲ୍ I ସେଦିନ ସଭାରେ ଗାଁର ଜଣେ ପ୍ରୌଢ ବ୍ୟକ୍ତି ଠିଆ ହୋଇ ହାତ ଯୋଡି କହୁଥାନ୍ତି ଦେଖନ୍ତୁ ବାବୁମାନେ , "ଭୋଟ ପୂର୍ବରୁ ଏମିତି ନେତାମାନଙ୍କଠୁ ପଇସା ନନେଲେ ଭଲ ହୁଅନ୍ତା, ସମସ୍ତେ ଭଲ କରି ଚିନ୍ତା କରନ୍ତୁ I

ଜଣେ ଆଦର୍ଶ ବ୍ୟକ୍ତିକୁ ଭୋଟ ଦେଲେ କିଛି ଭଲକାମ ହୋଇପାରନ୍ତା ଦେଶର Iଭୋଟ ପୂର୍ବରୁ ପଇସା ନେଇ ଆମେ ମୁଣ୍ଡ ବିକି ଦଉଛେ I ଆଉ ସ୍ୱାଧୀନତା କୋଉଠି ରହିଲା ? ଏଇ କ'ଣ ସ୍ୱାଧୀନତା? ଏଇ କଣ ଗଣତନ୍ତ୍ର ? " I ବ୍ୟକ୍ତିଜଣଙ୍କର କଥା ନସରୁଣୁ ସଭାରେ ଏକ ନିରବ ଗୁଞ୍ଜରଣ ଖେଳିଗଲା I ସମସ୍ତେ ନିଜନିଜ ଭିତରେ କିଛି କଥା ହେଉଥିବାର ଶୁଣାଗଲା I ହଠାତ୍ ବଡ ପାଟିରେ ଜଣେ ଯୁବକ କହିଲା "କି ଆଦର୍ଶ କଥା କହୁଛନ୍ତି ମଉସା, ବି.ଏ ପାସ୍ କରି ଏ ଗାଁର ଯୁବକମାନେ ବେକାର I ନା ବିଲରେ କାମକରି ପାରୁଛୁ ନା ଚାକିରି I କଳକାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନାହିଁ I ବିହାର ବଙ୍ଗଳାରୁ ଲୋକମାନେ ଏଠି ଆସି କାମ କରିବେ ମୋଟା ପଇସାରେ I ଆମେ କାମ କଲେ ଆମକୁ ମିଳିବ ଦିନକୁ ୨୭୦ ଟଙ୍କା, ଆମ ପାଇଁ ଛୁଟି ନାହିଁ , ସେମାନେ ସବୁ ସୁବିଧା ପାଇବେ I ଏକଥା କଣ ଜାଣିନାହାନ୍ତି ନେତାମାନେ ଆଦର୍ଶ ଦେଖାଉଛନ୍ତି  "I ବହୁତ କ୍ଷୋଭର ସହିତ ଏତିକି କହି ଚୁପ ହେଲେ ଯୁବକ ଜଣଙ୍କ I ମଉସାବି ବୁଝିଗଲେ ଆଉ ଚୁପଚାପ ମୁହଁ ପୋତି ବସିଗଲେ I

ଯିଏ ଯୁଆଡେ ଚାଲି ଗଲେଣି I ମାଉସ ଘରକୁ ଫେରି ଘର ଭିତରକୁ ନଯାଇ ଦାଣ୍ଡ ଦୁଆରେ ବସି ପଡିଲେ ଥକା ମନରେ I ତାଙ୍କ ମନଟା ଭାରି ଉଦାସ ଥିଲା I ମନରେ ଅସରନ୍ତି ଦୁଃଖ I ମଉସା ଭାବୁଥିଲେ ପିଲାଟା କିଛି ମିଛ କହୁନିତ, କାରଖାନା ହେବା ପୂର୍ବରୁ ଜମି ନେବା ଲାଗି ଏମିତି ଗାଁରେ କେତେ ସଭା ହେଇଥିଲା , କେତେ ପ୍ରତିଶ୍ରୁତି ମିଳିଥିଲା ହେଲେ କଣ ହେଲା ? ଲୋକମାନଙ୍କୁ ପ୍ରତାରଣା କରି ଜମି ଅମୁଲ ମୂଲରେ କିଣିନେଇ କାରଖାନ କଲାପରେ ପ୍ରତିଶ୍ରୁତି ଶୁଖିଲା ପତ୍ର ପରି କୁଆଡେ ଉଡିଗଲା Iରାଜନୀତି ଓ ଶାଶନ ବ୍ୟବସ୍ଥାର ପେଞ୍ଚ ଭିତରେ ଲୋକମାନେ ଥକି ଗଲେ I ଭୁଲି ଗଲେ ସେମାନେ ପାଇଥିବା ପ୍ରତିଶ୍ରୁତି I ସରକାରବି ଧିରେ ଧିରେ ନୂଆ ବ୍ୟବସ୍ଥା କରି ଗ୍ରୀନ କାର୍ଡ ଭଳି ପୁରୁଣା ବ୍ୟବସ୍ଥାକୁ ଭୁଲି ଗଲେ , ସେଥିପାଇଁ  ପୁଣି ଆନ୍ଦୋଳନ I ଲଜ୍ୟା ଓ ଘୃଣାରେ ଭରି ଯାଇଥିଲା ମଉସାଙ୍କ ମନ I ହଜି ଯାଉଛି ମଣିଷ ପଣିଆ, ମାନବିକତା ଅଦୃଶ୍ୟ ଭଳି ମନେ ହେଉଛି I

ମଉସା ଭାବୁଥିଲେ ସେ ଯେତେବେଳେ କାରଖାନାରେ କାମ କରୁଥିଲେ ସୁଦୂର ସୁନ୍ଦରଗଡରେ ସେତେବେଳେ ମଧ ଜଣେ ସରକାର ତାଙ୍କର ପେନସନ ବ୍ୟବସ୍ଥା କରିଥିଲେ , ପେନ୍-ସନ୍ ପାଇଲେ ମଧ , ମାସକୁ ୬୭୦ ଟଙ୍କା I ଏବେସେ ବୃଦ୍ଧ, ପେନ୍-ସନ୍ ପାଉଥିବାରୁ ବାର୍ଦ୍ଧକ୍ୟ ଭତ୍ତାପରି ସୁବିଧାରୁ ସେ ବଞ୍ଚିତ   I ଟଙ୍କା ପାଇଁ ଆହୁରି ଅନେକ ସରକରୀ ସୁବିଧା ସ୍ୱପ୍ନ I ପ୍ରତିରୋଧ କରିବାର ଉପାୟ ନାହିଁ  I ବୃଦ୍ଧ ହେଲେ  ଘର ବାହାରେ ଆମେମାନେ ଅବହେଳିତ I ସବୁ ନେତାତ ରାଜ ପରିବାରରୁ ଆସି ନାହାନ୍ତି I ଆମଭଳି ଗରିବ ପରିବାରରୁ କିଛି ନେତା ଅଛନ୍ତି I ଯେଉଁମାନେ ଗରିବୀକୁ ଅତି ପାଖରୁ ଦେଖିଛନ୍ତି I ତାଙ୍କର ପରାମର୍ଶଦାତା ମାନେ ମଧ ଏମିତି ଛୋଟ ଗରିବ ପରିବାରରୁ ଆସିଥାଇ ପାରନ୍ତି I

ହଁ , ଆମର ପ୍ରିୟ ପ୍ରଧାନମନ୍ତ୍ରୀବି ଜଣେ ଚା ବିକାଳିର ପୁଅବୋଲି ଖବର କାଗଜରେ ବାହାରିଥିଲା I ସେ ମଧ୍ୟ ଭୁଲି ଗଲେ  ଏ ଇ.ପି.ଏଫ୍ ବାଲାଙ୍କ ପେନ୍-ସନ୍ Iଏମିତି ଭାବୁଭାବୁ ମଉସା କେତେବେଳେ ଯେ ଶୋଇପଡିଲେ ସେଇ ଘର ପିଣ୍ଡାରେ I ତା'ପରେ ସକାଳୁ ସକାଳୁ ପୁଅ ଆସି ପାଟିକରି କହୁଥିଲା ବାପା କାଲି କଣ ଗାଁ ସଭାରେ କାନ୍ଦୁଥିଲ I କେତେଥର ମନା କଲିଣି ତୁମକୁ ସେ ସଭାକୁ ଯିବା ପାଇଁ  I ମଉସା ବୁଝି ଯାଇଥିଲେ ପୁଅ କାହିଁକି ବିରକ୍ତ ଭରା ସ୍ୱରରେ ବାପାଙ୍କୁ ତାଗିଦ କରୁଛି I କଥା ନ ବଢେଇବା ପାଇଁ ନରମ ସ୍ୱରରେ କହିଲେ ନାଇଁରେ ପୁଅ ବୁଢା ହେଲିଣିତ,  କଣ ଟିକେ କହିଦେଲି I ମୋ କଥା ଧରିବନି , ତୁମକୁ ଯାହା ଭଲ ଲାଗୁଛି କର  I

ରଣପଶି,ଢେଙ୍କାନାଳ

# ଅସମ୍ପୂର୍ଣ୍ଣ ଆଶା

ଦେବୀ ପ୍ରସାଦ ସ୍ୱାଇଁ

ସୁବର୍ଣ୍ଣପୁର ଗାଁ ଆଜି ଚଳଚଞ୍ଚଳ I  ସମସ୍ତଙ୍କ ମୁହଁରେ ଆଜି ଖୁସିର ଲହରୀ, ହେବନି ବା କେମିତି ଯେ ?  ବହୁ ପୂଜା ଅର୍ଚ୍ଚନା ଓ ଅନେକ ମାନସିକ ପରେ ଗାଁର ମୁଖିଆ ସଂଗ୍ରାମବାବୁଙ୍କର ଆଜି ପୁତ୍ର ସନ୍ତାନଟିଏ ହୋଇଛି I  ସଂଗ୍ରାମବାବୁ ରେଳବାଇ ଚାକିରି କରିଥିଲେ ମଧ୍ୟ ଗାଁର ମୁଖିଆ ଦାଇତ୍ୱ ଦୀର୍ଘ କୋଡିଏ ବର୍ଷ ହେବ ତୁଲାଇ ଆସୁଛନ୍ତି I ନିଜର ନ୍ୟାୟବାଦୀ ,ସତ୍ୟନିଷ୍ଠ, ଉଦାରମନା ଓ ସତ୍ୟ-ମଧୁର ଭାଷୀ ଗୁଣ ପାଇଁ ସେ ସବୁଆଡେ ପରିଚିତ I ତେଣୁ ତାଙ୍କ ଦୁଆରେ ଆଜି ସମସ୍ତଙ୍କର ଭିଡ I ଝିଅ ରୂପା ଜନ୍ମହେବାର ଦୀର୍ଘ ୧୨ ବର୍ଷ ପରେ ପୁଅଟିଏ ପାଇଛନ୍ତି ସଂଗ୍ରାମବାବୁ  I ସେ ଯାହାହେଉ ବହୁଦିନର ଆଶାଟିଏ ଆଜି ପୂରଣ ହେଇଛି ଓ ଗ୍ରାମଦେବୀ ପୂଜକଙ୍କ କଥା ମଧ୍ୟ ସତ ହେଇଛି ଏହାକୁ ଭାବି ଆଜି ସେ ବହୁତ ଖୁସି  I ସେପଟେ ଶୁଭେଚ୍ଛୁମାନଙ୍କର ଭିଡ ବଢିବାରେ ଲାଗିଛି ଏପଟେ ସଂଗ୍ରାମବାବୁ ନିଜର ଆଉ ଏକ ଆଶା ପୂରଣ କରିବାରେ ମଧ୍ୟ ବ୍ୟସ୍ତ କଣ ନା ଆଜି ଯେକୌଣସିମତେ ଦୁଇମାଣ ଜମି କିଣାହେବ I  କାରଣ ପୁତ୍ର ସନ୍ତାନ ନଥିବାରୁ ଆଗରୁ ଅନେକ ଜମି କିଣିବା ସୁଯୋଗ ମିଳିଥିଲେ ମଧ୍ୟ " ମୋର ପୁଅ ନାହିଁ, ଜମି କ'ଣ ହେବ" ବୋଲି ଦୁଃଖର ସହ ମୁଖିଆ କୁହନ୍ତି I ଭାଗ୍ୟକୁ ଏବେ ସେ ସୁଯୋଗ ପୁଣିଥରେ ଆସିଛି I ଦୁଇଦିନ ପୂର୍ବେ ଗାଁର ବାରିକ ଝିଅ ବାହାଘର କରିବା ପାଇଁ ନିଜର ଦୁଇମାଣ ଜମି ବିକ୍ରି କରିବା କଥା ମୁଖିଆଙ୍କୁ କହୁଥିଲା କିନ୍ତୁ ସେତେବେଳେ କାର୍ଯ୍ୟବ୍ୟସ୍ତତା ଯୋଗୁଁ "ହଉ ଦେଖିବା" ବୋଲି ସେ କହିଥିଲେ  I ତେଣୁ ପୁଅ ଜନ୍ମହେବା ମାତ୍ରେ ବାରିକକୁ ଡକରା ପଡିଲା I  ଇତିମଧ୍ୟରେ ବାରିକ ଆସି ପହଞ୍ଚିଗଲାଣି I  କିଛି ସମୟ ପରେ କିଣା ବିକା କଥା ସରିଲା, ମୁଖିଆ ଖୁସି ଥିବାରୁ ଟଙ୍କା ପଇସା କଥା ବି ସଙ୍ଗେ ସଙ୍ଗେ ଛିଡିଗଲା I ଦୁଇଟା ଆଶା ଏକ ଦିନରେ ପୂରଣ ହେଇଥିବାରୁ ମୁଖିଆ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଥାନ୍ତି I

କିଛି ଦିନ ପରେ...

ହିନ୍ଦୁ ପରମ୍ପରା ଅନୁସାରେ ଜନ୍ମର ୨୧ ଦିନ ପରେ ମେଳା କୀର୍ତ୍ତନ ସହ ଶିଶୁର ନାମକରଣ କରିବାର ପ୍ରଥା ରହିଅଛି । ସେଥିପାଇଁ ମୁଖିଆଙ୍କ ଘରେ ପ୍ରସ୍ତୁତି ଚାଲିଛି । ଏଥର ଏକୋଇଶାକୁ ଖାଲି ମେଳା କୀର୍ତ୍ତନ ହେବନି ସତ୍ୟ ନାରାୟଣ ପାଲା ଓ ସମସ୍ତ ଗ୍ରାମବାସୀଙ୍କ ପାଇଁ ଭୋଜିଭାତର ବ୍ୟବସ୍ଥା କରୁଛନ୍ତି ମୁଖିଆ । ଭଲ ନାଁଟିଏ ବାଛିବା ପାଇଁ ପୂଜକଙ୍କୁ କୁହାଯାଇଛି । ବହୁ ମାନସିକ ପରେ ପୁଅଟିଏ ହେଇଥିବାରୁ ଗୋଟେ ଗାଉଁଲି ଜାତିର ନାଁ ବି ଦେବାକୁ ହେବ ଡାକ ନାଁ ହିସାବରେ । ଇତି ମଧ୍ୟରେ ଏକୋଇଶା ଦିନ ଆସିଗଲା । ସମସ୍ତ ପ୍ରକାର ଆୟୋଜନ ସୂଚାରୁ ରୂପେ କରିଥାନ୍ତି ମୁଖିଆ । ପୂଜକ ମହାଶୟବି କିଛି ନାଁର ତାଲିକା ଧରି ଆସିଛନ୍ତି । ଏପଟେ ମେଳା କୀର୍ତ୍ତନ ଆରମ୍ଭ ହୋଇଗଲା ସେପଟେ ଭୋଜିଭାତ ଚାଲିଛି । ମେଳାରେ ସମସ୍ତ ପରିବାର ଲୋକଙ୍କ ସମ୍ମତି କ୍ରମେ ନାଁ ଦିଆଗଲା “ଭକ୍ତ ଚରଣ” ଓରଫ “ଭକ୍ତ” । ଡାକ ନାଁଟିଏ ବି ରକ୍ଷା ଗଲା ଗାଉଁଲି ଜାତିର ନାଁରୁ “ସଉରୀ” । କ୍ରମେ “ଭକ୍ତ”ର ଆଗମନରେ ସଂଗ୍ରାମବାବୁଙ୍କ ପରିବାର ଖୁସିରେ ନାଚି ଉଠିଲା । କିଛି ଦିନ ମଧ୍ୟରେ ମୁଖିଆଙ୍କ ଅନେକ ଛୋଟ ବଡ ଆଶା ପୂରଣ ହେବାରେ ଲାଗିଲା ।

୪ ବର୍ଷ ପରେ...

ତୁଳସୀ ଦୁଇପତ୍ରରୁ ବାସିଲା ଭଳି ଭକ୍ତ ପାଖରେ ଅନେକ ସଦ୍-ଗୁଣ ପରିସ୍ଫୁଟିତ ହେବାରେ ଲାଗିଲା । ଇତି ମଧ୍ୟରେ ବଡ ଭଉଣୀ ରୂପାର ବାହାଘର ବି ସରିଯାଇଥାଏ । ଗାଁ ଠାରୁ ୭ ମାଇଲ ଦୂର ହରିଚନ୍ଦନପୁର ଗାଁରେ ରୂପାର ବାହାଘର ହୋଇଥାଏ । ଜ୍ୱାଇଁ ସୁଦୂର କଟକ ସହରସ୍ଥିତ ରେଭେନ୍ସା କଲେଜର(ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିବା) କେମିଷ୍ଟ୍ରି ବିଭାଗର ପରୀକ୍ଷାଗାର ସହାୟକ ଥାଆନ୍ତି । ଏହି ବାହାଘରକୁ ନେଇ ଉଭୟ ରୂପା ଓ ସଂଗ୍ରାମ ବାବୁ ମଧ୍ୟ ବହୁତ ଖୁସି ଥା'ନ୍ତି । ରୂପା ଯେବେ ଅଳଙ୍କାର ଲଗେଇ, ନୂଆ ଶାଢୀ ପିନ୍ଧି ବାପଘରକୁ ଆସେ ଭକ୍ତ ନିଜ ନାନୀକି ଚିହ୍ନି ପାରେ ନାହିଁ । ତେଣୁ ତା ଠାରୁ ଦୂରେଇ ଦୂରେଇ ରୁହେ । ଭକ୍ତକୁ ଯେତେବେଳେ ପାଞ୍ଚବର୍ଷ ହୁଏ ତା'ର ଚାଟଶାଳୀ ପାଠ ଆରମ୍ଭ କରିବା ପାଇଁ ମୁଖିଆ ଚିନ୍ତା କରନ୍ତି ।

କ୍ରମଶଃ......

**ଢେଙ୍କାନାଳ**

ପ୍ରିୟ ପାଠକ ଓ ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଷଷ୍ଠ ସଂସ୍କରଣ । ଏହି ମାର୍ଚ୍ଚ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ  ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

**ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ *www.preranaodia.com/feedback* ପ୍ରଦାନ କରିବାକୁ ଅନୁରୋଧ ।**

**www.preranaodia.com**